
ବାବା ବରୁଣେଶ୍ୱରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି ।



ବରୁଣେଶ୍ୱର ୟୁଥ ଫୋରମ ପକ୍ଷରୁ ପ୍ରଦର୍ଶିତ ବାଲୁକା କଳା ।

# ବରୁଣେଶ୍ୱର ମେଳା ଆରମ୍ଭ

**ମକର ସଂକ୍ରାନ୍ତିରେ ବାବାଙ୍କୁ ଦର୍ଶନ କଲେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ**

**ବିଞ୍ଝାରପୁର,୧୪।୧(ରାମକୃଷ୍ଣ ଦାସ):** ମାଘ ମାସ ପ୍ରଥମ ଦିବସରେ ବହୁ ପ୍ରତିଷ୍ଠିତ ରାଜ୍ୟସ୍ତରୀୟ ବରୁଣେଶ୍ୱର ମେଳା ମଙ୍ଗଳବାର ଆରମ୍ଭ ହୋଇଛି। ଏଥିରେ ଦୂର ଦୂରାନ୍ତରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ବାବା ବରୁଣେଶ୍ୱରଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ବିଧାୟିକା ପ୍ରମିଳା ମଲ୍ଲିକଙ୍କ ସମେତ ବହୁ ରାଜନୈତିକ ନେତା ଆସି ବାବାଙ୍କ ସାନ୍ନିଧ ଲାଭ କରିଛନ୍ତି। ସେହିପରି ବରୁଣେଶ୍ୱର ୟୁଥ ଫୋରମ ପକ୍ଷରୁ ବାଲୁକା କଳା ଦର୍ଶକଙ୍କ ମନ ମୋହିଛି। ଭାଇଚାରା ସୃଷ୍ଟିରୁ ମକର ପିଠା ଚାଉଳ ବଣ୍ଟନ କରାଯାଇଛି। ସାରସ୍ୱତ ସଂଗଠନ ଅଖିଳ ଚକ୍ର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ନୂତନ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଛି। ଏଥର ବରୁଣେଶ୍ୱର ମହୋତ୍ସବକୁ ବନ୍ଦ କରାଯାଇଛି। ଫଳରେ ଏହାକୁ ନେଇ ଆୟୋଜକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ମକର ମେଳା, ଟୁସୁ ମେଳଣ



ମେଳଣରେ ସାମିଲ ହୋଇଥିବା କୁଡୁମୀ ସମ୍ପ୍ରଦାୟର ଟୁସୁ ଦେବୀ ।

**କାଳିଆପାଣି,୧୪।୧(ଅସିତ ମହାନ୍ତ):** ମକର ସଂକ୍ରାନ୍ତି ଅବସରରେ କୁଡୁମୀ ସମ୍ପ୍ରଦାୟର ଟୁସୁ ଦେବୀ ମେଳଣ ଅନୁଷ୍ଠିତ ହୋଇଯାଇଛି। କୁଡୁମୀ ସମ୍ପ୍ରଦାୟ ଝିଅମାନେ ମକର ସଂକ୍ରାନ୍ତିର ୮ଦିନ ପୂର୍ବରୁ ଅର୍ଥସଂଗ୍ରହ କରି ଟୁସୁ ଦେବୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଥାନ୍ତି। ଯେଉଁ ଦିନରୁ ଟୁସୁ ଦେବୀ ମୂର୍ତ୍ତି ଗଢ଼ନ ହୁଅନ୍ତି ସେଦିନଠାରୁ ସନ୍ଧ୍ୟାରେ ଟୁସୁ ଦେବୀଙ୍କୁ ସମର୍ପିତ ଲୋକ ଗୀତ ଗାନ କରାଯାଏ। ଅନ୍ୟ ପଟେ ପ୍ରତି ପରିବାରର ଜଣେ ଜଣେ ପୁରୁଷ ଏକତ୍ରିତ ହୋଇ ମକର ସ୍ନାନ ପାଇଁ ନଈ ବା ଝରଣା କୂଳରେ ଏକ ସ୍ଥାନ ଚୟନ କରନ୍ତି। ସ୍ଥାନ ଚୟନ ପରେ ନିକଟ ଜଙ୍ଗଲରୁ ଶୁଖିଲା କାଠ ସଂଗ୍ରହ କରିଥାନ୍ତି। ଶୁଖିଲା କାଠ ଆଣି ନଈ କୂଳରେ ଚୟନ ହୋଇଥିବା ସ୍ଥାନରେ ଅଗ୍ନି ସଂଯୋଗ ପାଇଁ ଏକ ଗମ୍ବୁଜ ଆକାରର କାଠ ଗଦା କରନ୍ତି। ସଂକ୍ରାନ୍ତି ଦିନ ପ୍ରତ୍ୟୁଷରୁ ଆବାଳ ବୃଦ୍ଧ ବନିତା ଏକତ୍ରିତ ହୋଇ ନଈ କୂଳରେ ଥିବା କାଠ ଗଦାରେ ଅଗ୍ନି ସଂଯୋଗ କରି ମକର ବୁଡ଼ ପକାଇଥାନ୍ତି। ସକାଳେ ଘରକୁ ଫେରି ଆସି ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ମକର ଚାଉଳ ପୂଜା କରି ପ୍ରସାଦ ପାଇଥାଆନ୍ତି। ଝିଅମାନେ ଟୁସୁ ଦେବୀଙ୍କ ପ୍ରତି ମୂର୍ତ୍ତିକୁ ସାଜସଜ୍ଜା କରି ମେଳଣ ପଡ଼ିଆକୁ ନେଇଥାନ୍ତି। ପ୍ରତି ଗାଁରୁ ଆଣିଥିବା ଟୁସୁ ଦେବୀଙ୍କୁ ମେଳଣ ପଡ଼ିଆରେ ଏକତ୍ରିତ କରି ଲୋକ ଗୀତରେ ପଡ଼ିଆକୁ ଉତ୍ସବ ମୁଖର କରିଥାନ୍ତି। ସନ୍ଧ୍ୟାରେ ଟୁସୁ ଦେବୀଙ୍କୁ ମେଳଣ ପଡ଼ିଆ ନିକଟରେ ଥିବା ନଈରେ ବିସର୍ଜନ କରି ଘରକୁ ଫେରିଆସନ୍ତି। କାଳିଆପାଣି ଖଣି ଅଞ୍ଚଳର ଅଶୋକଝରେ, ରଗଡା, ବ୍ରହ୍ମକୁଣ୍ଡ, ଅନଳ ପ୍ରମୁଖ ସ୍ଥାନରେ ମେଳଣ ଆୟୋଜନ କରାଯାଇଥିଲା। ସେହିପରି ଅନେକ ଟୁସୁ ମେଳଣ ପଡ଼ିଆରେ କୁଡୁମୀଙ୍କ ସାଂସ୍କୃତିକ ଲୋକ ଗୀତ ଝୁମର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି।

# ରବି ନାୟକ ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ


କ୍ରିକେଟ ମ୍ୟାଚକୁ ବିଧାୟିକା ଉଦ୍‌ଘାଟନ କରୁଛନ୍ତି ।

**ଦଶରଥପୁର,୧୪।୧(ସୁଶାନ୍ତ କୁମାର ବେହୁରିଆ):** ଦଶରଥପୁର ବ୍ଲକ ଅଧୀନ ଚମ୍ପେଇପାଳ ପଞ୍ଚାୟତସ୍ଥିତ କୁଆଁରପୁରଠାରେ ରାଜନେତା ରବି ନାୟକଙ୍କ ସ୍ମୃତିରେ ରବି ନାୟକ ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ କର୍ଣ୍ଣାଟକେଶରୀ ଦାସ ଯୋଗଦେଇ କ୍ରୀଡ଼ା ହିଁ ସୁସ୍ଥ ସମାଜ ଗଠନର ପ୍ରମୁଖ ମାଧ୍ୟମ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ପୂର୍ବତନ ସରପଞ୍ଚ ରମେଶ ଦାସ ଓ ସାମାଜିକ କର୍ମୀ ଜୟନ୍ତ ନାୟକ ପମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଭଦ୍ରକର ସାଳନ୍ଦୀ କ୍ରିକେଟ କ୍ଲବ ଓ ଯାଜପୁରର ଇଞ୍ଜନପୁର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ସାଳନ୍ଦୀ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୧୫୭ ରନ ସଂଗ୍ରହ କରିଥିଲା। ଆବଶ୍ୟକ ୧୫୮ ରନ୍ ପିଛା କରି ଇଞ୍ଜନପୁର କ୍ରିକେଟ କ୍ଲବ ସମସ୍ତ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରି ୧୨ ରନରେ ପରାସ୍ତ ହୋଇଥିଲା। ମନୋରଞ୍ଜନ ଦାସ ଓ ତପନ ଜେନା ଅମ୍ପାୟାର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ପ୍ରେମିକଙ୍କ ଘର ଆଗରେ ପ୍ରେମିକାଙ୍କ ଧାରଣା

**ପାଣିକୋଇଲି,୧୪।୧(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଷଠିପୁର ଗ୍ରାମର ଜଣେ ଯୁବତୀ ତାଙ୍କ ପ୍ରେମିକଙ୍କ ଘର ଆଗରେ ଧାରଣା ଦେଇଛନ୍ତି। ପୋଲିସ ଏକଥା ଜାଣିବା ପରେ ତାଙ୍କୁ ଥାନାକୁ ନେଇ ତଦନ୍ତ ଆରମ୍ଭ କରିଛି। ଯୁବତୀଙ୍କ ସହିତ ତାଙ୍କ ଗ୍ରାମର ଆନନ୍ଦ ପାତ୍ରଙ୍କ(୨୪)ଦୁଇ ବର୍ଷ ହେବ ପ୍ରେମ ସମ୍ପର୍କ ଥିଲା। ଯୁବତୀଙ୍କ ପରିବାର ନିଜ ଜାତିର ହୋଇଥିବାରୁ ପୁଅର ପରିବାର ଲୋକେ ବିବାହ ପାଇଁ ରାଜି ହୋଇ ନ ଥିଲେ। ଆନନ୍ଦ ପ୍ରେମିକାଙ୍କୁ ପ୍ରବର୍ତ୍ତାଇ ଗତ ୭ ତାରିଖରେ ଦିଲ୍ଲୀ ପଳାଇଥିଲେ। ଘରେ ଝିଅକୁ ନ ପାଇ ଯୁବତୀଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ସୋମବାର ଆନନ୍ଦ ପ୍ରେମିକାଙ୍କୁ ଧରି କଟକରେ ଆସି ସମ୍ପର୍କୀୟଙ୍କ ଘରେ ରହିଥିଲେ। ଆନନ୍ଦଙ୍କ ପରିବାର ଲୋକେ ଉକ୍ତ ବିଷୟରେ ଜାଣିପାରି ଥିଲେ। ପରେ ଉଭୟ ପରିବାର ବସି ବାହାଘର କରାଇବୁ ବୋଲି ଆନନ୍ଦଙ୍କ ବାପା ପ୍ରତିଶ୍ରୁତି ଦେବା ସହିତ ଉଭୟଙ୍କୁ ଘରକୁ ଫେରି ଆସବୋଲି କହିଥିଲେ। ଯୁବତୀ ଜଣକ ଯିବା ପରେ ଆନନ୍ଦ ଓ ତାଙ୍କ ପରିବାର ଘରେ ତାଲା ପକାଇ ଫେରାର ହୋଇଯାଇଥିଲେ। ପ୍ରେମିକାଙ୍କ ଘର ନିକଟରୁ ମାତ୍ର ୧୦୦ ମିଟର ଦୂରରେ ପ୍ରେମିକାଙ୍କ ଘର ହୋଇଥିବାରୁ ସେ ବାହାରକୁ ଆସି ଘରେ ତାଲା ପଡ଼ିଥିବା ଦେଖି ରାତି ଦୁଇଟାବେଳେ ପ୍ରେମିକଙ୍କ ଘର ଗେଟ ସମ୍ମୁଖରେ ଧାରଣା ଦେଇଥିଲେ। ଏ ବିଷୟରେ ଗ୍ରାମର କେତେଜଣ ବ୍ୟକ୍ତି ଜାଣିପାରି ଯୁବତୀଙ୍କୁ ବୁଝାଇବା ସହ ପୋଲିସକୁ ଖବର ଦେଇଥିଲେ।

# ବସ୍ ଧକ୍କାରେ ପୂର୍ବତନ ସମିତିସଭ୍ୟାଙ୍କ ମୃତ୍ୟୁ

**୨ ଘଣ୍ଟା ରାସ୍ତା ଅବରୋଧ**

**ଧର୍ମଶାଳା/ଜେନାପୁର,୧୪।୧ (ବଟକୃଷ୍ଣ ପରିଡ଼ା/ଅଶୋକ ଦାସ):** ଜେନାପୁର ଥାନା ଚଣ୍ଡିଖୋଲ-ଡୁବୁରୀ ୫୩ନଂ. ଜାତୀୟ ରାଜପଥ ବ୍ରାହ୍ମଣୀ ବ୍ରିଜ୍‌ର କନ୍ତପଡ଼ା ଛକ ମଝିରେ ଥିବା କୁଣ୍ଡିପୋଲ ନିକଟରେ ମଙ୍ଗଳବାର ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଜେନାପୁର ଥାନା ମର୍ଜିତାପୁର ପଞ୍ଚାୟତ ସାଥୁଆ ପାଟଣା ଗ୍ରାମର ପୂର୍ବତନ ସମିତିସଭ୍ୟା ତପସ୍ୱିନୀ ସାହୁ(୬୮) ଓ ଗୁରୁତର ହେଲେ ସେହି ଗ୍ରାମର ପଦ୍ମନାଭ ସାହୁ(୫୪)। ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ମୁତାବକ, ତପସ୍ୱିନୀ ଓ ପଦ୍ମନାଭ କନ୍ତପଡ଼ା ଛକରେ ଥିବା ଭାଜପା କାର୍ଯ୍ୟାଳୟରେ ମିଟିଂ ସାରି ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ତାଙ୍କ ପଛରୁ ଯାଉଥିବା କଳିଙ୍ଗନଗର ଟାଟା କମ୍ପାନୀର ବସ ଧକ୍କା ଦେଇଥିଲା। ଫଳରେ ତପସ୍ୱିନୀଙ୍କ ବସ ଚକାତଳେ ଚାପି ହୋଇ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପଦ୍ମନାଭ ଗୁରୁତର ହୋଇଥିଲେ।

ଦୁର୍ଘଟଣା ଖବର ଜଣାପଡ଼ିବା ପରେ ସାଥୁଆ ପାଟଣା ଗ୍ରାମର ଶତାଧିକ ଲୋକେ ପହଞ୍ଚି ରାସ୍ତା ଅବରୋଧ କରିଥିଲେ। ଜେନାପୁର ଥାନା ଅଧିକାରୀ ନିରୁପମା ଜେନା, ଏସଆଇ ଶଶିଭୂଷଣ ପରିଡ଼ା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ୨ ଘଣ୍ଟା ଧରି ସ୍ଥାନୀୟ ଲୋକେ ରାସ୍ତାରେ ତପସ୍ୱିନୀଙ୍କ ମୃତଦେହ ପକାଇ ରଖିଥିଲେ। ବିଧାୟକ ହିମାଂଶୁ ଶେଖର ସାହୁ ପହଞ୍ଚି ସ୍ଥାନୀୟ ଲୋକ ଓ ମୃତକଙ୍କ ପରିବାର ଲୋକଙ୍କୁ ଡାକି ବୁଝାଶୁଝା କରିଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା। ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସ, ଡଙ୍କାରୀ ରାଜସ୍ୱନିରୀକ୍ଷକ ଚନ୍ଦନ ସାହୁ ପହଞ୍ଚି ଜିଲା ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୩୦ହଜାର ଟଙ୍କା ପ୍ରଦାନ କରିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏନେଇ ଥାନାରେ ନଂ.୧୮।୨୫ରେ ମାମଲା ରୁଜୁ ହୋଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଶୁଭ


@ ଗୋବିନ୍ଦ


@ ହରପ୍ରିୟା


@ ମନୋଜ


@ ପ୍ରଦୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବୁଦ୍ଧ ମନ୍ତ୍ରରେ ପ୍ରକମ୍ପିତ ଉଦୟଗିରି


ପ୍ରାର୍ଥନାରେ ସାମିଲ ହୋଇଥିବା ବୌଦ୍ଧ ସନ୍ନ୍ୟାସୀମାନେ ।

**ଚଣ୍ଡିଖୋଲ,୧୪।୧(ପ୍ରଦୀପ୍ତକୁମାରପୃଷ୍ଟି):** ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରିଠାରେ ରବିବାରଠାରୁ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଆରମ୍ଭ ହୋଇଛି। ଗୁରୁ ପଦ୍ମ ସମ୍ଭବଙ୍କ ନାମରେ ନାମିତ ଏହି ସମ୍ମିଳନୀରେ ୧୭ ଦେଶର ପ୍ରତିନିଧି ଯୋଗ ଦେଇଛନ୍ତି। ମଙ୍ଗଳବାର ଥିଲା ବିଶ୍ୱଶାନ୍ତି ପାଇଁ ସମୂହ ପ୍ରାର୍ଥନା। ଉଦୟଗିରିର ସିଂହପ୍ରସ୍ଥ ମହାବିହାର ଓ ମାଧବପୁର ମହାବିହାର ପରିସରରେ ଏକକାଳୀନ ପ୍ରାର୍ଥନା ଆରମ୍ଭ ହୋଇଥିଲା। ବିନୟ ପିଟକ ସୁକ୍ତରୁ ବୁଦ୍ଧ ମନ୍ତ୍ରର ଝଙ୍କାରରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସାମୂହିକ ପ୍ରାର୍ଥନା ପରେ ରତ୍ନଗିରି ପ୍ରଦକ୍ଷିଣରେ କେତେଜଣ ବୌଦ୍ଧ ସନ୍ନ୍ୟାସୀ ପହଞ୍ଚିଥିଲେ। ସେଠାରେ ଅହିଂସାର ମନ୍ତ୍ର ବାଣ୍ଟିବା ସହ ଶାନ୍ତି, ସଂହତି ଓ ସହାବସ୍ଥାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ।

ଏହି କାର୍ଯ୍ୟକ୍ରମ ଅବସରରେ ସର୍ବପୁରାତନ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଏକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଥିଲା। ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ଅଧ୍ୟକ୍ଷା ଡ. ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଶିଷ୍ଟ ଐତିହାସିକ ତଥା ବୌଦ୍ଧ ଗବେଷକ ଡ. ହରିଶ ଚନ୍ଦ୍ର ପୃଷ୍ଟି ମୁଖ୍ୟଅତିଥି ଭାବରେ ଯୋଗଦେଇ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସର୍ବ ପୁରାତନ ବିଶ୍ୱବିଦ୍ୟାଳୟଥିଲା। ଏହା ନାଳନ୍ଦା ବିଶବିଦ୍ୟାଳୟ ଠାରୁ ବହୁ ପୁରୁଣା। ତେଣୁ ଏହାର ପୁନରୁଦ୍ଧାରର ଆବଶ୍ୟକତା ରହିଛି। ଏଠାରେ ଗୁରୁ ପଦ୍ମ ସମ୍ଭବ ପାଠ ପଢିଥିବା ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବରେ ଖବରଦାତା ସଂଗ୍ରାମ କୁମାର ସିଂହ, ମହେଶ୍ୱର ବଳ, କିଶୋର ଚନ୍ଦ୍ର ଦାସ ଓ ଶିକ୍ଷାବିତ ରାମଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶୈଳେନ୍ଦ୍ର ନାରାୟଣ ରାୟ ଧନ୍ୟବାଦ ଦେଇଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞରେ ଅଲେଖ ସନ୍ନ୍ୟାସୀଙ୍କ ଯୋଗଦାନ

**ରଗଡ଼ି,୧୪।୧(ଜତିଶ କୁମାର ମଲ୍ଲିକ):** କୋରେଇର ବିଭିନ୍ନ ସ୍ଥାନରେ ମକର ସଂକ୍ରାନ୍ତି ଉପଲକ୍ଷେ ବାର୍ଷିକ ମେଳା ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ତଳଗଡ଼ ତଥା ତାହାରପୁର ପଞ୍ଚାୟତ ଓ ବ୍ୟାସନଗର ମ୍ୟୁନିସିପାଲିଟି ମିଳନସ୍ଥଳ ଭାବେ ପରିଚିତ ଜୈନ ଗୁମ୍ଫା, ଶ୍ରୀଗଣେଶ, ହନୁମାନ ମନ୍ଦିର ଓ ଅଲେଖ ମହିମା ଆଶ୍ରମ ପରିସରରେ ବିଶ୍ୱଶାନ୍ତି ମହା ଯଜ୍ଞ ଆରମ୍ଭ ହୋଇଛି। ଏହା ଦୁଇ ଦିନ ଧରି ଚାଲିବ। ଉକ୍ତ କାର୍ଯ୍ୟକ୍ରମରେ ଅଲେଖ ସନ୍ନ୍ୟାସୀ ଓ ସାଧୁମାନେ ଯୋଗ ଦେଇଛନ୍ତି। ମଙ୍ଗଳବାର ପ୍ରାତଃ ୪ଟାରେ ଦେବ ସ୍ମରଣ, ୫ଟାରେ ଧ୍ୱନିପୂଜା, ୬ଟାରେ ବ୍ରହ୍ମ ଧ୍ୱନି ସ୍ଥାପନ ଓ ବିଶ୍ୱ କଲ୍ୟାଣ ପାଇଁ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା। ମାତା ଉଷା ଦେବୀ ଓ ସ୍ୱାଧୀନ ବାବା ଯଜ୍ଞ କାର୍ଯ୍ୟ ପରିଚାଳନା କରିଛନ୍ତି। ସେବକ ବାବୁଲାଲ ଗୁରୁଙ୍କ ସମେତ ଅନ୍ୟମାନେ ଏହାର ଆୟୋଜନ କରିଛନ୍ତି। ସେହିପରି ରଣପୁର ପଞ୍ଚାୟତର ବୈତରଣୀ ନଦୀ ପଠାରେ ପ୍ରସିଦ୍ଧ ସାହାଡ଼ାଶୁଣୀ ମେଳା ଆରମ୍ଭ ହୋଇଛି। ତୁଳତି ପଞ୍ଚାୟତର ପିମ୍ପଲ ଗ୍ରାମରେ ସନ୍ତୋଷୀ ମା'ଙ୍କ ବାର୍ଷିକ ଯଜ୍ଞ ଓ ମେଳା ଚାଲିଛି। ଅନ୍ୟ ସ୍ଥାନରେ ମଧ୍ୟ ଯଜ୍ଞ ଆୟୋଜନ କରାଯାଇଛି।

# ସହରର ସମସ୍ୟା ସମାଧାନ ଦାବି


ବୈଠକରେ ଯୋଗଦେଇଥିବା ବ୍ୟାସନଗର ନାଗରି କମିଟିର କର୍ମକର୍ତ୍ତା ।

**ବ୍ୟାସନଗର ନାଗରିକ କମିଟିର ସାଧାରଣ ବୈଠକ**

**ଯାଜପୁରରୋଡ୍,୧୪।୧(ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର ନାଗରିକ କମିଟିର ୨୪ତମ ସାଧାରଣ ବୈଠକ ସ୍ଥାନୀୟ ବ୍ୟାସସରୋବର ନିକଟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ହେମନ୍ତ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ ବାର୍ଷିକ ବିବରଣୀ ପାଠ ସହ ସଭାପରିଚାଳନା କରିଥିଲେ। ସଭ୍ୟ ଚନ୍ଦ୍ରମଣି ସାମଲ, ହୃଷୀକେଶ ସାହୁ, ପ୍ରସନ୍ନ ସାମଲ, ଡ. ଗୌରୀଶଙ୍କର ଷଡ଼ଙ୍ଗୀ, ଡ. ପ୍ରମୋଦ କୁମାର ଶତପଥୀ, ହୃଦାନନ୍ଦ ସାମଲ, ସାମ୍ବାଦିକ କୃଷ୍ଣଚନ୍ଦ୍ର ସାମଲ, ଚିନ୍ତାମଣି ପାଢ଼ୀ, ନିତ୍ୟାନନ୍ଦ ମହାଳିକ, ସାମାଜିକ କର୍ମୀ ରାଜେନ୍ଦ୍ର ବିଶ୍ୱାଳ, ହେମନ୍ତ ଧୀର, ଶିକ୍ଷାବିତ୍ ଅଶ୍ୱିନୀ ଦାଶ, ଅକ୍ଷୟ କୁମାର ପଣ୍ଡା, ଭିଭୂତି ଭୂଷଣ ପାଲ, ବ୍ରଜେଶ୍ୱରୀ ସିଂ, ମହେଶ ଧଳ, ନରେନ୍ଦ୍ର ଜେନା, ସଦାଶିବ ଦାଶ, ବିଶ୍ୱଜିତ ମହାନ୍ତି, ଦାମୋଦର ପଣ୍ଡା, ନିରଞ୍ଜନ ଘଡ଼େଇ, ସୁଦାନିଧି ମହାପାତ୍ର, ରଘୁନାଥ ବେହେରା, ଶର୍ମିଳା ଦେଓ, କୈଳାଶ ଚନ୍ଦ୍ର ଜେନା, ଭାଗିରଥି ଆଚାର୍ଯ୍ୟ, କୈଳାଶ ଚନ୍ଦ୍ର ପରିଡ଼ା, ମାଧବାନନ୍ଦ ବଳ, ଜ୍ଞାନରଞ୍ଜନ ରାଉତ, ସରୋଜ ଦେ, ମନୋଜ ନାୟକ, ପୁରୁଷୋତ୍ତମ ସାହୁ, ଅଭିମନ୍ୟୁ ରାଉତ, ନିର୍ମଳ ଜେନା, ନୀଳକଣ୍ଠ ଯେନା, କାର୍ତ୍ତିକ ଜେନା, ସହଦେବ ଜେନା, ସୁନୀଲ ମୁଣ୍ଡା, ଗଣେଶ ପାତ୍ର, ବିକାଶ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବ୍ୟାସନଗର ବିଭିନ୍ନ ସମସ୍ୟା ଯଥା; ଯାଜପୁରରୋଡ ନାମ ପରିବର୍ତ୍ତନ କରି ବ୍ୟାସନଗର କରାଯିବା ଏବଂ ରେଲୱେ ଷ୍ଟେଶନ ନାମ ଯାଜପୁର କେନ୍ଦୁଝର ରୋଡ୍ ପରିବର୍ତ୍ତନ କରାଯିବା, ରେଲୱେ ଡିଭିଜନ କରାଯିବା, ଟ୍ରାଫିକ ସମସ୍ୟା ସମାଧାନ ପାଇଁ ଟ୍ରାଫିକ ଥାନା ଓ ଟ୍ରାଫିକ ପୋଲିସ ମୁତୟନ, ଯାଜପୁରରୋଡକୁ ସବଡ଼ିଭିଜନ ମାନ୍ୟତା ପ୍ରଦାନ, ଡ୍ରେନେଜ ସମସ୍ୟାର ଦୂରୀକରଣ, ପରିବେଶ ପ୍ରଦୂଷଣ ମୁକ୍ତ ବ୍ୟାସନଗର, ଟାଉନ ବସ ଚଳାଚଳ, ସମସ୍ତ ଦ୍ରୁତଗାମୀ ଟ୍ରେନ ରହଣି ଓ ରେଳ ମାଲଗୋଦାମ ପଟରେ ନୂତନ ଟିକେଟ ବୁକିଂ କାଉଣ୍ଟର ସମେତ ମାଲ ଗୋଦାମ ପଟ ଫୁଟ ଓଭର ବ୍ରିଜକୁ ଷ୍ଟେଶନ ବାହାର ପର୍ଯ୍ୟନ୍ତ ସମ୍ପ୍ରସାରଣ ଇତ୍ୟାଦି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ତା'ର ସମାଧାନ ପାଇଁ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ସଭ୍ୟ ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

**ଅଗ୍ନିକାଣ୍ଡରେ ବଖରାଏ ଜଳିଗଲା: ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ**

ତିର୍ତ୍ତୋଲ , (ଗୌରାଙ୍ଗ ଚରଣ ସ୍ୱାଇଁ) ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇଚ୍ଛିଂ ପଞ୍ଚାୟତ ଖଦୋଳ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗି ଏକ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ଗ୍ରାମର ପ୍ରଦୀପ କୁମାର ଦାସଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଅଗ୍ନିକାଣ୍ଡରେ ଘରେ ଥିବା ଖାଦ୍ୟଶସ୍ୟ ସମେତ ସମସ୍ତ ଆସବାବପତ୍ର ପୋଡ଼ି ଯାଇଛି। ପ୍ରଦୀପଙ୍କ ପରିବାର ଲୋକେ ଶୋଇପିବାପରେ ରାତି ପ୍ରାୟ ୧୦ଟା ସମୟରେ ଆକସ୍ମିକଭାବେ ନିଆଁ ଲାଗିଯାଇଥିଲା। ପଡୋଶୀ ପାଟି କରିବାରୁ ପ୍ରଦୀପଙ୍କ ପରିବାର ସଦସ୍ୟ ବାହାରକୁ ଚାଲିଆସି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଏଥିସହ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଏରସମା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଜଗତ୍‌ସିଂହପୁରର ପ୍ରସିଦ୍ଧ ମକରମେଳା ଆରମ୍ଭ

ଜଗତ୍‌ସିଂହପୁର, ୧୪।୧ (ପ୍ରମୋଦ କୁମାର ନାୟକ)



ସୁସଜ୍ଜିତ ବିମାନଗୁଡିକୁ ଶୋଭାଯାତ୍ରାରେ ନିଆଯାଉଛି।

ଜଗତ୍‌ସିଂହପୁରର ପ୍ରସିଦ୍ଧ ମକର ମେଳା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏନେଇ ଜଗତ୍‌ସିଂହପୁର ସହର ଉତ୍ସବମୁଖର ହୋଇପଡିଛି। ସ୍ଥାନୀୟ ସୋମନାଥ ହାଟ ପରିସରରେ ହେଉଥିବା ଏହି ମେଳାରେ ପଞ୍ଚୁଦୋଳ ମେଳଣ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। କେବଳ ଏତିକି ନୁହେଁ, ଏହି ପରିସରରେ ଜିଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ବ୍ୟବସାୟୀ ଷ୍ଟଲ ଖୋଲିବା ଆରମ୍ଭ କରିଛନ୍ତି। ଗୋଟିଏ ପଟେ ମକର ମେଳା ତ ଅନ୍ୟପଟେ ବୁଧବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ପୁସ୍ତକ ମେଳା ଆରମ୍ଭ ହେବାକୁ ଯାଉଥିବାରୁ ଲୋକଙ୍କ ଭିତରେ ଉତ୍ସାହ ପରିଲକ୍ଷିତ ହୋଇଛି।

ଜଗତ୍‌ସିଂହପୁରର ମକର ମେଳା କେବଳ ଜିଲା ନୁହେଁ, ଓଡ଼ିଶାରେ ଜଣାଶୁଣା। ଏହା ଏକ କୃଷିଭିତ୍ତିକ ଉତ୍ସବ କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଏହି ସମୟରେ ଚାଷୀ ଧାନ ଅମଳ ସାରି ଏକ ପ୍ରକାର ହାଲ୍‌କା ସ୍ଥିତିରେ ଥାଆନ୍ତି। ତେଣୁ ଚାଷୀଙ୍କ ମନୋରଞ୍ଜନ ପାଇଁ ୪୧ ବର୍ଷ ପୂର୍ବରୁ ଏହି ମକର ମେଳାର ପରିକଳ୍ପନା କରାଯାଇଥିଲା। ଏହା ଅତି କମରେ ୧୫ ଦିନ ପର୍ଯ୍ୟନ୍ତ ଚାଲେ। ମକର ମେଳା ଦେଖିବା ପାଇଁ କେବଳ ଜିଲା ନୁହେଁ, ବହୁ ଦୂର ଦୂରାନ୍ତରୁ ଶହସ୍ରାଧିକ ଲୋକଙ୍କ ଆଗମନ ହୋଇଥାଏ। ବିଶେଷକରି ଗାଁ ଗହଳିର ସ୍ତ୍ରୀ, ପିଲାଛୁଆଙ୍କ ଭିଡ ନିଆରା ପରିବେଶ ସୃଷ୍ଟି କରିଥାଏ। ଏହି ମେଳାର ବିଶେଷତ୍ୱ ହେଉଛି ସେଠାରେ ଘର କରଣା ସାମଗ୍ରୀଠାରୁ ଆରମ୍ଭ କରି ସୁସ୍ୱାଦୁ ଖାଦ୍ୟ ଓ ପିଲାଙ୍କ ଖେଳଣା ଆଦି ଅନେକ କିଛି ମିଳେ। ପଥର, କାଠ, ଲୁହା, ପିତଳ, ତମ୍ବା ତିଆରି ଅନେକ ସାମଗ୍ରୀ ମଧ ମିଳିଥାଏ। ଅପେରା ସାଙ୍ଗକୁ ରାମ ଦୋଳି, ସର୍କସ ଓ ମ୍ୟାଜିକ୍ ଆଦି ମନୋରଞ୍ଜନର ମାଧମ ହୋଇଥାଏ।

ଅତୀତରେ ସୁନାବ୍ୟା ଅଳକାର କଳେବର ବିସ୍ତୀର୍ଣ୍ଣ ଥିଲା। ବର୍ତ୍ତମାନ ଯେଉଁ ସ୍ଥାନରେ ମକର ମେଳା ହେଉଛି ସେ ସବୁ ସ୍ଥାନ ଅଳକା ଗର୍ଭରେ ଥିଲା। ୧୮୯୦ରେ ବିରିଡ଼ି ଉପରମୁଣ୍ଡ ଅଳକା ନଦୀରେ ବନ୍ଧ ତିଆରି ହେବାରୁ ସେତେବେଳେ ବର୍ତ୍ତମାନର ମେଳା ସ୍ଥାନର ବିସ୍ତୀର୍ଣ୍ଣ ଅଞ୍ଚଳରେ ବାଲି ଗଦା ହୋଇ ରହି ଯାଇଥିଲା। ଏହାପରେ ସେଠାରେ ନୂଆ ହାଟ ପ୍ରତିଷ୍ଠା ହୋଇଥିଲା। ଏଥିସହ ଚାଷ କାମ ସରି ଯାଇଥିବାରୁ ମକର ସଂକ୍ରାନ୍ତୀରୁ ମେଳା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଜଗତ୍‌ସିଂହପୁର ଏକ କୃଷି ପ୍ରଧାନ ଜିଲା ହୋଇଥିବାରୁ ମକର ସଂକ୍ରାନ୍ତୀ ପୂର୍ବରୁ ଚାଉଳ ଅମଳ ସରିଥାଏ। ନୂଆ ଚାଉଳ ଖାଇବା ପୂର୍ବରୁ ଏହାକୁ ମକର ସଂକ୍ରାନ୍ତୀରେ ଭୋଗ କରାଯାଇଥାଏ। ଏହି ପରମ୍ପରାକୁ ବଜାୟ ରଖିବା ସହ ଉତ୍ସବ ପାଳନ ନିମନ୍ତେ ମେଳାର ଆୟୋଜନ ହୋଇଆସୁଛି। ଏହା ଦେଖିବା ପାଇଁ ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟକ ଲୋକଙ୍କ ଆଗମନ ହୋଇଥିଲା। ସେବେଠାରୁ ପ୍ରତିବର୍ଷ ମକର ସଂକ୍ରାନ୍ତିରୁ ଏହି ମେଳା ହୋଇଆସୁଛି। ଏହିଦିନ ସ୍ଥାନୀୟ ହାଟବଜାରସ୍ଥିତ ମୁଚୁକୁନ୍ଦ ସୋମନାଥ ମହାଦେବଙ୍କ ପୀଠରେ ୫ ଦୋଳ ମେଳଣ ହୋଇଥାଏ। ଚଳିତବର୍ଷ ଅନୁରୂପ ଭାବେ ମେଳଣ କରାଯାଇଥିଲା। ମଙ୍ଗଳବାର ଅପରାହ୍ନରୁ ଚାରିଦୋଳ ଅର୍ଥାତ୍ ଉତ୍ତର ପଟୁ ସିପିସ୍ଥିତ ମୁକ୍ତେଶ୍ୱର, ଦକ୍ଷିଣରୁ ଦେଭୋଗର (ରସଲପୁର) ରାଧାମାଧବ, ପୂର୍ବ ଚାତ୍ରାର ଶ୍ରୀରାଧାକାନ୍ତ ଏବଂ ପଶ୍ଚିମ ପଟୁ ଏହି ଗ୍ରାମରେ ଅବସ୍ଥିତ ରାଧାକାନ୍ତ ମେଳଣ ପଡ଼ିଆକୁ ଶୋଭାଯାତ୍ରାରେ ଯାଇଥିଲେ। ଥାନପତି ମୁଚୁକୁନ୍ଦ ସୋମନାଥ ମହାଦେବ ୪ ଦୋଳଙ୍କୁ ସ୍ୱାଗତ କରି ମେଳଣସ୍ଥଳ ପର୍ଯ୍ୟନ୍ତ ନେଇ ଯାଇଥିଲେ। ଏହାପରେ ପଞ୍ଚୁଦୋଳ ମେଳଣ ନିମନ୍ତେ ସମସ୍ତ ପୂଜାପାଠ, ମକର ଚାଉଳ ଭୋଗ କରାଯାଇଥିଲା। ଏହି ସମୟରେ ସଂକୀର୍ତ୍ତନରେ ସମଗ୍ର ଅଞ୍ଚଳ ଉଚ୍ଛୁଳି ପଡିଥିଲା। ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି କହିଛନ୍ତି, ଅତୀତରେ ମକର ବୁଡ଼ ପକାଇବା ପାଇଁ ଭୋରୁ ମେଳଣ ପଡିଆ ନିକଟ ଅଳକା ନଦୀ ତୁଠରେ ଭିଡ଼ ଜମୁଥିଲା। ଏପରି କି ଜିଲାର ବିଭିନ୍ନ ଗାଁରୁ ସ୍ତ୍ରୀ, ପୁରୁଷ, ପିଲାମାନେ ଶଗଡ଼ରେ ଆସୁଥିଲେ। ୨/୪ ଦିନ ରହି ଯାତ୍ରା ଉପଭୋଗ କରି ସେମାନେ ଫେରିଯାଉଥିଲେ। ଗଲାବେଳକୁ ଅନେକ ସାମଗ୍ରୀ କିଣି ଗାଁରେ ଦେଖାଉଥିଲେ। ଜଗତସିଂହପୁରରେ ଏତେ ଗହଳି ହେଉଥିଲା ତାହା ଅବର୍ଣ୍ଣନୀୟ। ସେ ଦିନ ଆଜି ନ ଥିଲେ ସୁଦ୍ଧା ମକର ଯାତ୍ରାର ଚମକ ହଜିନାହିଁ।

- ପଞ୍ଚୁଦୋଳ ମେଳଣରେ ଆଧାତ୍ମିକ ପରିବେଶ
- ଗୃହିଣୀଙ୍କ ସାମଗ୍ରୀ ଓ ପିଲାଙ୍କ ଖେଳଣା ଆକର୍ଷିତ କରିବ

## ମହାଆଡ଼ମ୍ବରରେ ମକର ମହୋତ୍ସବ ପାଳିତ

ଏରସମା, ୧୪।୧ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମର ମା' ସାହାଡ଼ା ସୁନ୍ଦରୀ ପୀଠ ପରିସରରେ ମଙ୍ଗଳବାର ମକର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଶ୍ୱିନୀ କୁମାର ସ୍ୱାଇଁ, ନରେନ୍ଦ୍ର କୁମାର ସ୍ୱାଇଁ, ନାନୁଶ୍ରୀ ଜେନା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ମା'ସାହାଡ଼ା ସୁନ୍ଦରୀ ପୀଠରେ ପ୍ରଭାତରୁ କଳସ ସ୍ଥାପନ ପରେ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ପ୍ରବଚନ ଓ ରାମଲୀଳା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଗାନ୍ଧୀପୁର, ଭଜନା, ମଣିକୁଣ୍ଡଳ, ଦେଉଳି, ରାୟତସାହି ଆଦି ଗ୍ରାମରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ସେହିପରି ପ୍ରଜାପିତା ଈଶ୍ୱରୀୟ ଆଶ୍ରମ ପରିସରରେ ମକର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମା କୁମାରୀ ସରୋଜିନୀ ଭଉଣୀ ଉପସ୍ଥିତ ହୋଇ ଯାହା ମନୁଷ୍ୟପ୍ରାପ୍ତ ହୋଇଛି ତାହା ଭଗବାନଙ୍କ ଦାନ ଭାବି ଆତ୍ମ ସନ୍ତୋଷ ଲାଭ କରିବା ଉଚିତ ବୋଲି କହିଥିଲେ। ଏଥିରେ ତୃପ୍ତି, ଜ୍ୟୋସ୍ନା ସ୍ୱରାଜ, କବିତା ଭଉଣୀଙ୍କ ସହ ମିହିର, ଗୋଲଖ, କାହ୍ନୁ ଭାଇ ପ୍ରମୁଖ ବକ୍ତା ଭାବେ ଯୋଗଦେଇଥିଲେ।



ପ୍ରଜାପିତା ଈଶ୍ୱରୀୟ ଆଶ୍ରମ ପରିସରରେ ମକର ଉତ୍ସବ ପାଳନ କରାଯାଉଛି।

## ମକର ସଂକ୍ରାନ୍ତି: ଗୋରେଖନାଥ ପୀଠ ଚଳଚଞ୍ଚଳ



ଗୋରଖନାଥ ପୀଠରେ ଭକ୍ତଙ୍କ ଭିଡ଼।

ରଘୁନାଥପୁର,୧୪।୧(ରାଜେନ୍ଦ୍ର ନାରାୟଣ ସିଂହ)

ମକର ସଂକ୍ରାନ୍ତିରେ ରଘୁନାଥପୁର ବ୍ଲକ କେରକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଛି। ବଡି ଭୋରରୁ ପ୍ରଭୁଙ୍କ ମଙ୍ଗଳାଆରତୀ କାର୍ଯ୍ୟ ସମାପନ ହେବାପରେ ପୀଠକୁ ଶ୍ରଦ୍ଧାଳୁ ଯାତ୍ରୀ ତଥା ଦର୍ଶନାର୍ଥିଙ୍କ ଆଗମନ ହୋଇଥଲା। ଧିରେଧିରେ ଗହଳି ବୃଦ୍ଧି ପାଇଥିଲା। ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ତିର୍ତ୍ତୋଲ ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ପ୍ରତି ନଜର ରଖାଯାଇଥିଲା। ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ପାଇଁ ଧାଡି ବ୍ୟବସ୍ଥା କରାଯାଇଥିଲା। ଏହାଛଡା ପୋଲିସ ବାହିନୀ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ଟ୍ରାଫିକ୍ କଣ୍ଟ୍ରୋଲ କରିଥିଲେ। ପ୍ରବଳ ଜନଗହଳିକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ମାନସିକ ରୋଷେଇ ବନ୍ଦ ରଖାଯାଇଥିଲା। ସୂଚନାଯୋଗ୍ୟ, ଦୀର୍ଘଦିନ ତଳୁ ପୀଠରେ ଭକ୍ତଙ୍କ ଉଦ୍ଦେଶ୍ୟ ପ୍ରସ୍ତୁତ କରାଯାଉଥିବା ପ୍ରସାଦ ବ୍ୟବସ୍ଥାକୁ ବନ୍ଦ ରଖାଯାଇଛି। ବହୁ ଆଶାରେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ତଥା ଭକ୍ତମାନେ ପ୍ରସାଦ ନ ପାଇ ନିରାଶରେ ଫେରିଥିଲେ। ଏ ସମ୍ପର୍କରେ ରାମକୁମାରପୁର ଅଞ୍ଚଳର କେଶବ ଲେଙ୍କା କୁହନ୍ତି ଯେ, ଗୋରେଖନାଥ ପୀଠରେ ପ୍ରାସାଦ ପାଇ ପରମ ତୃପ୍ତି ମିଳିଥାଏ। ସେହିପରି ପରିବାର ସହ ଆସି ବିଭୁତି କ୍ଷେତ୍ରରେ ପ୍ରସାଦ ଟିକେ ନ ପାଇଲେ ମନକୁ କଷ୍ଟ ଲାଗେ ବୋଲି ହରିଶପୁର ଗ୍ରାମର ବିନୋଦ ବିହାରୀ ମହାନ୍ତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମନ୍ଦିର ଦାୟିତ୍ୱରେ ଥିବା ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ କୁହନ୍ତି ଯେ, ପ୍ରସାନ ସେବସ ବ୍ୟବସ୍ଥା କାହିଁକି ବନ୍ଦ କରାଯାଇଛି ସେ ସମ୍ପର୍କର ସେ ଅବଗତ ନାହାନ୍ତି। ପରବର୍ତ୍ତୀ ସମୟରେ ଏନେଇ ସମୀକ୍ଷା କରାଯିବ ବୋଲି ତରାଇ ପ୍ରକାଶ କରିଛନ୍ତି।

## ମକର ସଂକ୍ରାନ୍ତିକୁ କଳାଦିବସ ଭାବେ ପାଳିଲେ

କୁଜଙ୍ଗ,୧୪।୧( ମନୋଜ ପ୍ରଧାନ)

ଏରସମା ବ୍ଲକ ଅନ୍ତର୍ଗତ ଢ଼ିଙ୍କିଆ ଗ୍ରାମର ଶିଳ୍ପ ବିରୋଧୀମାନେ ମକର ସଂକ୍ରାନ୍ତିକୁ କଳାଦିବସ ଭାବେ ପାଳନ କରିଛନ୍ତି। ପ୍ରକାଶ ଯେ, ୨୦୨୨ ମକର ସଂକ୍ରାନ୍ତିରେ କମ୍ପାନୀକୁ ବିରୋଧ କରୁଥିବା ଢିଙ୍କିଆର ଶିଳ୍ପ ବିରୋଧୀଙ୍କ ଉପରେ ପୋଲିସ ଲାଠିମାଡ଼ କରିଥିଲା। ଏହାର ପ୍ରତିବାଦରେ ପ୍ରତିବର୍ଷ ମକର ସଂକ୍ରାନ୍ତିକୁ କଳା ଦିବସ ଭାବେ ପାଳନ କରାଯାଉଛି। ମଙ୍ଗଳବାର ସନ୍ଧ୍ୟାରେ ଶିଳ୍ପ ବିରୋଧୀମାନେ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ୨୦୨୨ର ଘଟଣା ପାଇଁ ପୋଲିସକୁ ସମାଲୋଚନା କରିଥିଲେ। ଶାନ୍ତି ସେଠୀ, ଶାନ୍ତି ଦାସ, ପ୍ରଦୀପ ଶତପଥୀ ଓ ମାନସ ବର୍ଦ୍ଧନ ପ୍ରମୁଖ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।




ଶିଳ୍ପ ବିରୋଧୀମାନେ ମକର ସଂକ୍ରାନ୍ତିକୁ କଳାଦିବସ ରୂପେ ପାଳନ କରୁଛନ୍ତି।

## ଆଜାଦ୍ କ୍ଲବ୍‌ର ଗୁଡ଼ିଉଡ଼ା ପ୍ରତିଯୋଗିତା



ଜଗତ୍‌ସିଂହପୁର, ୧୪।୧ (ପ୍ରମୋଦ କୁମାର ନାୟକ)

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଜଗତ୍‌ସିଂହୁର ଗୋପାଳସାଗରସ୍ଥିତ ଆଜାଦ୍ କ୍ଲବ ପକ୍ଷରୁ ମଙ୍ଗଳବାର ଗୁଡ଼ି ଉଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତାପ ଦାସ, ଚନ୍ଦନ ମଲ୍ଲିକ, ସୌମ୍ୟରଞ୍ଜନ ସିଂହ, ସୁବ୍ରତ ମଲ୍ଲିକ, ସିଦ୍ଧାର୍ଥ ସାହୁ, ବିଶ୍ୱମୋହନ ଦାସ, ରଜତ ପ୍ରଧାନ, ସୁନିଲ ଗୋଛାୟତ, ରମାକାନ୍ତ ସେଠୀ, ସନ୍ତୋଷ ପାତ୍ର, ବିକ୍ରମ ମଲ୍ଲିକଙ୍କ ସମେତ ୫୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ । ବିନା ମାଞ୍ଜା ସୂତାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ବିଜେତାଙ୍କୁ ପିଜା କ୍ରସ ପକ୍ଷରୁ ଟ୍ରଫି, ଷ୍ଟାଇଲ ପଏଣ୍ଟ ପକ୍ଷରୁ ଶୀତ ଟୋପି ଓ ଅର୍ଥ ରାଶି ପ୍ରଦାନ କରିଥିଲେ।ପ୍ରତିଯୋଗୀତାକୁ କ୍ଲବର ସଦସ୍ୟ କୃଷ୍ଣଚନ୍ଦ୍ର ସେଠୀ, ସୂର୍ଯ୍ୟକାନ୍ତ ବେହେରା, ଅମିୟ ସ୍ୱାଇଁ, ରାଜେଶ ମଲ୍ଲିକ, ବିଶ୍ୱଜିତ ସେଠୀ, ବିଶ୍ୱଜିତ ବେଉରା, ସତ୍ୟଜିତ ଗୋଛାୟତ ଓ ଅଜିତ ରାଉତ ପ୍ରମୁଖ ଆୟୋଜନ କରିଥିଲେ ।

# ଆଇଓସିଏଲ୍ ଗେଟ୍ ଆଗରେ ମୃତଦେହ ରଖି ଧାରଣା

### ରେଳ ଧାରଣାରୁ କ୍ଷତବିକ୍ଷତ ମୃତଦେହ ଠାବ

କୁଜଙ୍ଗ ୧୪।୧(ମନୋଜ ପ୍ରଧାନ)

 କୁଜଙ୍ଗ ସ୍ଥିତ କଟକ-ପାରାଦୀପ ରେଳପଥର ପ୍ରତାପପୁର ନିକଟରୁ ମଙ୍ଗଳବାର ସକାଳ ୭ଟାରେ ରେଳଧାରଣା ମଝିରୁ ଏକ କ୍ଷତବିକ୍ଷତ ମୃତଦେହ ମିଳିଛି। ସେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ଗୋପିଆକୁଦ ବାଲିସାହି ଗ୍ରାମର ଲକ୍ଷ୍ମୀଧର ପରିଡ଼ାଙ୍କ ପୁଅ ଲୋକନାଥ ପରିଡ଼ା। ସେ ଆଇଓସିଏଲ ମଧ୍ୟରେ ଥିବା ଏକ ଠିକା କମ୍ପାନୀରେ କାର୍ଯ୍ୟ କରନ୍ତି। ସକାଳେ ସେ ବାଇକ୍‌ରେ ଡ୍ୟୁଟି କରିବାକୁ କମ୍ପାନୀକୁ ଯାଇଥିଲେ। ସେ ଫତେପୁର ଲେବେଲ କ୍ରସିଂ ନିକଟରେ ସିଧା ନ ଯାଇ ପ୍ରତାପପୁର ଆଡ଼କୁ ଥିବା ରାସ୍ତାରେ କିଛି ବାଟ ଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ରେଳଧାରଣାରୁ ତାଙ୍କ ମୃତଦେହ ମିଳିଥିଲା। ଅପରପକ୍ଷେ ମୋଟରସାଇକେଲ ଅନ୍ୟ ଏକ ନିରାପଦ ସ୍ଥାନରେ ଥିବାରୁ ଏହା ହତ୍ୟା ନା ଆତ୍ମହତ୍ୟା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସ୍ଥାନୀୟ ଲୋକେ ଲୋକନାଥଙ୍କ ମୃତଦେହ ଚିହ୍ନଟ ପରେ ଅପରାହ୍ନ ପ୍ରାୟ ୨ଟାରେ ଆଇଓସିଏଲ୍‌ର ୨ନଂ.ଗେଟ ସମ୍ମୁଖରେ ମୃତଦେହ ରଖି କ୍ଷତିପୂରଣ ଦାବି କରିଥିଲେ। ଖବରପାଇ ଧାରଣାସ୍ଥଳରେ ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ଓ ଅତିରିକ୍ତ ଏସ୍‌ପି ସ୍ମୃତିରଞ୍ଜନ କର ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। କମ୍ପାନୀ ପକ୍ଷରୁ କ୍ଷତିପୂରଣ ରାଶି ବାବଦରେ ୩ ଲକ୍ଷ ଟଙ୍କା, ଅନ୍ତେଷ୍ଟିକ୍ରିୟା ନିମନ୍ତେ ୨୦ ହଜାର ଟଙ୍କା ଓ ମୃତକଙ୍କ ସ୍ତ୍ରୀଙ୍କୁ କମ୍ପାନୀରେ ନିଯୁକ୍ତି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଆଲୋଚନାରେ ମୃତକଙ୍କ ପକ୍ଷରୁ ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରଧାନ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ବାଗଡିଆ ସରପଞ୍ଚଙ୍କ ପ୍ରତିନିଧି ଅର୍ଜୁନ ବେହେରା ପ୍ରମୁଖ ଭାଗ ନେଇଥିଲେ। ସନ୍ଧ୍ୟାରେ ଲୋକନାଥଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଛି। ଏସମ୍ପର୍କରେ ଅଭୟଚାନ୍ଦପୁର ଥାନା ସବ୍‌ଇନ୍ସପେକ୍ଟର ବିଶ୍ୱଜିତ୍ ଗଡନାୟକ କହିଛନ୍ତି, ଯେହେତୁ ଆଇଓସିଏଲ୍ ରୋଡ ଅବରୋଧ କରି ଆନ୍ଦୋଳନକାରୀ ଧାରଣା ଦେଇଥିଲେ ସେଥିପାଇଁ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଛେଦ ପାଇଁ ପଠାଯାଇଛି।



ମୃତଦେହ ରଖି ଧାରଣାରେ ବସିଛନ୍ତି ଆନ୍ଦୋଳନକାରୀ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୁଭ



@ ଗୋବିନ୍ଦ



@ ହରପ୍ରିୟା



@ ମନୋଜ



@ ପ୍ରଦୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନିଲମ୍ବିତ ପୋଲିସ କର୍ମଚାରୀଙ୍କ ନାମରେ ଲଭ୍ ଜେହାଦ୍ ଅଭିଯୋଗ

### ଏସ୍‌ପିଙ୍କୁ ଅଭିଯୋଗ କଲା ବଜରଙ୍ଗ ଦଳ

ଜଗତ୍‌ସିଂହପୁର, ୧୪।୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ଲଭ୍ ଜେହାଦ୍ ଚାଲିଛି। ଏସ୍‌ପିଙ୍କ ନିକଟରେ ଏଭଳି ସଙ୍ଗୀନ ଅଭିଯୋଗ କରିଛି ବଜରଙ୍ଗଦଳର ଜଗତ୍‌ସିଂହପୁର ଜିଲା ଶାଖା। ଏହି ଶାଖାର ପାର୍ଥ ସ୍ୱରୂପ ରାୟ, ବିଶ୍ୱନାଥ ପଣ୍ଡା, ଓମପ୍ରକାଶ ମହାନ୍ତି, ସୁଭମ ପଣ୍ଡା ଓ ସତ୍ୟଜିତ ନାୟକ ପ୍ରମୁଖ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଜଗତ୍‌ସିଂହପୁର ପୋଲିସ ଅଧୀନରେ କାର୍ଯ୍ୟରତ ଜଣେ ମୁସଲିମ୍ ବ୍ୟକ୍ତି ଚାକିରୀରୁ ନିଲମ୍ବିତ ହୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ହିନ୍ଦୁ ଝିଅମାନଙ୍କୁ ପ୍ରେମ ଜାଲରେ ଫସାଇ ଧର୍ମ ପରିବର୍ତ୍ତନ ପାଇଁ ଉଦ୍ୟମ କରୁଛନ୍ତି। ଯେଉଁ କାରଣରୁ ଅନେକ ହିନ୍ଦୁ ଝିଅଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଗତି କରୁଛି। ଏ ସମ୍ପର୍କିତ ଖବର ବିଭିନ୍ନ ସାମାଜିକ ଗଣମାଧମରେ ଘୁରି ବୁଲୁଛି। ଅତୀତରେ ମଧ ଏସ୍‌ପିଙ୍କ ନିକଟରେ ଏ ନେଇ ଅଭିଯୋଗ ହୋଇଛି। ପୋଲିସ ବିଭାଗରେ ଚାକିରୀ କରି କ୍ଷମତାର ଅପବ୍ୟବହାର କରି ସମ୍ପୃକ୍ତ ବ୍ୟକ୍ତି ବିବାହିତ ହୋଇ ମଧ ଛଳନା କରି ହିନ୍ଦୁ ଝିଅମାନଙ୍କୁ ଫସାଇ ଯେଉଁଭଳି ସେମାନଙ୍କ ଇଜ୍ଜତ ସହ ଖେଳୁଛନ୍ତି ତାହା ଅକ୍ଷମଣୀୟ। ଏ ବାବଦରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କିଛି ଦିନ ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଜଗତ୍‌ସିଂହପୁର ଥାନାରେ ମାମଲା ରୁଜୁ ହୋଇଥିଲା। ଯଦି ଲଭ ଜିହାଦ ବନ୍ଦ କ୍ଷେତ୍ରରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଆଗାମୀ ଦିନରେ ସାମ୍ପ୍ରଦାୟିକ ଦଙ୍ଗାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବଜରଙ୍ଗ ଦଳର ସଭ୍ୟମାନେ ଚେତାବନୀ ଦେଇଛନ୍ତି ।



ବଜରଙ୍ଗ ଦଳର କର୍ମୀମାନେ ଏସ୍‌ପିଙ୍କ ନିକଟକୁ ଅଭିଯୋଗ କରିବାକୁ ଯାଉଛନ୍ତି।

# ନୀଳମାଧବ ପୀଠର ବିକାଶ କାର୍ଯ୍ୟ ଜାରି ରହିବ: ଶିଳ୍ପମନ୍ତ୍ରୀ

## ନୀଳମାଧବ ପୀଠରେ ଭଜନ ସମାରୋହ



ଶ୍ରୀନୀଳମାଧବଙ୍କ ପୀଠରେ ଆୟୋଜିତ ଭଜନ ସମାରୋହରେ ମଞ୍ଚାସୀନ ଅତିଥି ।

ଖଣ୍ଡପଡ଼ା,୧୪।୧(ଅଜୟ କୁମାର ମହାରଣା) ଶ୍ରୀଜଗନ୍ନାଥଙ୍କ ଆଦିପୀଠ ଭାବେ କଣ୍ଟିଲୋର ଶ୍ରୀନୀଳମାଧବଙ୍କ ପୀଠକୁ ବୁଝାଇଥାଏ । ଏହି ପୀଠର ଐତିହ୍ୟ ତଥା ଶ୍ରୀଜୀଉଙ୍କ ପ୍ରାମାଣିକ ତଥ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ବିକାଶ ଓ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିବ । ନୀଳମାଧବ ପୀଠର ବିଭିନ୍ନ ରୀତିନୀତି ସମ୍ପର୍କରେ ପ୍ରଚାର ପ୍ରସାର ପାଇଁ ରାଜ୍ୟ ଓ ଜିଲା ପ୍ରଶାସନସ୍ତରରେ ଗୁରୁତ୍ୱ ଦିଆଯିବ ବୋଲି ସୋମବାର ପବିତ୍ର ପୌଷପୂର୍ଣ୍ଣମୀ ଅବସରରେ ଆୟୋଜିତ ଭଜନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଣିଜ୍ୟ ପରିବହନ ଓ ଶିଳ୍ପ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି ।

ଶ୍ରୀନୀଳମାଧବଙ୍କ ସୁନାବେଶ ଅବସରରେ ପୂଜକ ସମାଜ ପକ୍ଷରୁ ରାସ ମଣ୍ଡପରେ ଆୟୋଜିତ ୩୮ତମ ଭଜନ ସମାରୋହରେ ପୂଜକ ସମାଜର ସଭାପତି ସୀମାଞ୍ଚଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଭଜନ ସମାରୋହରେ ଅନ୍ୟତମ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀ, ବିଡିଓ ଅଙ୍କୁର ଅଭିଳାଷ, ଭାପୁର ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆ, ତିରୁପତି ସଂସ୍କୃତ ବିଶ୍ୱ ବିଦ୍ୟାଳୟ ଶିକ୍ଷା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଡ.ଭାରତ ଭୂଷଣ ରଥ, ଜିଲା ପରିଷଦ ସଭ୍ୟା,ସଭ୍ୟ ରାମେଶ୍ୱର ଶତପଥୀ ଓ ଉଜଳ ମହାରଣା, ସରପଞ୍ଚ ଶ୍ରୀୟାରାଣୀ ବେହେରା, ଏମ୍‌ପିଙ୍କ ଜିଲା ଓ ଖଣ୍ଡପଡା ବ୍ଲକ ପ୍ରତିନିଧି ଗୟାଧର ପରିଡ଼ା ଓ ଚନ୍ଦ୍ରକାନ୍ତ ବଳିୟାର ସିଂ ପ୍ରମୁଖ ଯୋଗଦେଇ ନୀଳମାଧବ ପୀଠର ବିଭିନ୍ନ ସମସ୍ୟା ଓ ଅଭାବ ଅସୁବିଧା ସମ୍ପର୍କରେ ମୁଖ୍ୟଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପୂଜକ ସମାଜର ପୂର୍ବତନ ସମ୍ପାଦକ ନୀଳମାଧବ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପରେ ମନ୍ମଥ ମିଶ୍ରଙ୍କ ଭଜନ ଗ୍ରୁପ ପକ୍ଷରୁ ସୁନାମଧନ୍ୟ କଣ୍ଠ ଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।

## ଲଡୁବାବାଙ୍କ ପୀଠରେ ମକର ସଂକ୍ରାନ୍ତି ପାଇଁ ଭିଡ଼



ବାବା ଲଡୁବାବାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଅପେକ୍ଷା କରିଛନ୍ତି ।

ଶରଣକୁଳ,୧୪।୧(ଦୀପକ କର): ନୟାଗଡ ଜିଲାର ପ୍ରସିଦ୍ଧ ଶୈବପୀଠ ବାବା ଲଡୁବାବାଙ୍କ ମନ୍ଦିରରେ ପବିତ୍ର ମକର ସଂକ୍ରାନ୍ତୀ ନୀତିମହାଆଡମ୍ବରରେ ମଙ୍ଗଳବାର ପାଳିତ ହୋଇଯାଇଛି । ବାବାଙ୍କ ସକାଳ ଆବକାଶ, ମଙ୍ଗଳ ଆଳତି ପରେ ସମସ୍ତ ନୀତି ସମ୍ପର୍ଣ୍ଣ ହୋଇଥିଲା । ଏହାପରେ ବାବାଙ୍କ ନିକଟରେ ମକର ଭୋଗ ଲାଗି କରାଯାଇଥିଲା । ମନ୍ଦିର ବେଢାରେ ମାନସିକ କରିଥିବା ଅଗଣିତ ଶ୍ରଦ୍ଧାଳୁ ମକର ଚାଉଳ ପ୍ରସ୍ତୁତ କରି ବାବାଙ୍କ ନିକଟରେ ଲାଗିକରି ମକର ଉପବାସ ସମାପନ କରିଥିଲେ । ଏବେ ପର୍ଯ୍ୟଟନ ଋତୁ ଚାଲିଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଲମ୍ବା ଧାଡିରେ ରହି ବାବାଙ୍କ ଦର୍ଶନ କରିଥିଲେ । ଶରଣକୁଳ ପୋଲିସ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶୁଭ



@ ଗୋବିନ୍ଦ



@ ହରପ୍ରିୟା



@ ମନୋଜ



@ ପ୍ରଦୋଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମା’ ଭୂଇଁଆଣୀଙ୍କ ପୀଠରେ ମକର ଯାତ୍ରା

## ଲକ୍ଷାଧିକ ଶ୍ରଦ୍ଧାଳୁ ମା’ଙ୍କ ଦର୍ଶନ କଲେ



ଶରଣକୁଳ,୧୪।୧(ଦୀପକ କର): ଶରଣକୁଳ ନିକଟ ସୋଲୋପଟାର ପଥରାଢ଼ାରେ ଅବସ୍ଥିତ ମା’ ଭୂଇଁଆଣୀଙ୍କ ପୀଠରେ ମକରଯାତ୍ରା ଉପଲକ୍ଷେ ୫ଦିନ ବ୍ୟାପୀ ଶକ୍ତିଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଅଙ୍କୁରାରୋପଣ ପରେ ଶକ୍ତି ଯଜ୍ଞ ଆରମ୍ଭ ହୋଇଥିଲା । ଏହାପରେ ୫ ଦିନ ଧରି ଆହୁତି ପ୍ରଦାନ ସହ ମଙ୍ଗଳବାର ପବିତ୍ର ମକର ସଂକ୍ରାନ୍ତୀରେ ପୂର୍ଣ୍ଣାହୁତି ହୋଇଥିଲା । ଏହି ଅବସରରେ ମା’ଙ୍କ ଦର୍ଶନ ଲାଗି ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଗ୍ରାମବାସୀଙ୍କ ମା’ଭୂଇଁଆଣୀଙ୍କ ପ୍ରତି ରହିଥିବା ନିଷ୍ଠା, ଭକ୍ତି ଏବଂ ଆର୍ଥିକ ସହଯୋଗ ଯୋଗୁ ଏହି ଯାତ୍ରା ପାଳିତ ହେଉଛି ବୋଲି ଯାତ୍ରା କମିଟି ସମ୍ପାଦକ କୁବେର ବିଶ୍ୱାଳ ପ୍ରକାଶ କରିଛନ୍ତି । ଯାତ୍ରାରେ ୫ ଦିନ ଧରି ପୌରାଣିକ ନାଟକ, ସଂକୀର୍ତ୍ତନ, ଭଗବତ ପରାୟଣ ଏବଂ ବାଲେଶ୍ୱରର ରୟାଲ ଚାଲେଞ୍ଜ ଅପେରା ପ୍ରଦର୍ଶିତ ହୋଇଥିଲା । ଯାତ୍ରା ପଡ଼ିଆରେ ବିଭିନ୍ନ ଦୋକାନ ସହିତ ଖାଦ୍ୟ ସାମଗ୍ରୀ ଦୋକାନରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ମଙ୍ଗଳବାର ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ମା’ଙ୍କ ଦର୍ଶନ କରିବା ସହିତ ଏହି ପୀଠରେ ଖୁବ୍‌ଶୀଘ୍ର ସୋଲାର ପାଣି ପମ୍ପ ଯୋଗାଣ ଓ ମା’ଙ୍କର ଯାତ୍ରା ପରିଚାଳନା ଗୃହ ନିର୍ମାଣ କରାଯିବ ବୋଲି ସେ ପ୍ରତିଶୃତି ଦେଇଥିଲେ । ମା’ଙ୍କୁ ଦର୍ଶନ କରିବା ସହ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଲୋକମାନେ ଉପଭୋଗ କରିଥିଲେ ବୋଲି ଭୂୟାଣୀ ଯାତ୍ରା କମିଟିର ସଭାପତି ଯୋଗେନ୍ଦ୍ର ଲେଙ୍କା ପ୍ରକାଶ କରିଛନ୍ତି । ଶରଣକୂଳ ପୋଲିସ ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ଘରେ ପହଞ୍ଚିଲା ମକର ଭୋଗ

ନୂଆଗାଁ,୧୪।୧(ଧନେଶ୍ୱର ସାହୁ): ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ଶୈବପୀଠରେ ମଙ୍ଗଳବାର ମକର ସଂକ୍ରାନ୍ତୀ ଉପଲକ୍ଷେ ମକରପର୍ବ ପାଳନ ହୋଇଯାଇଛି । ନୂଆଗାଁ ବ୍ଲକ ବାହାଡାଖୋଲାସ୍ଥିତ ଫୁଲେଶ୍ୱର ମନ୍ଦିର, ନୂଆଗାଁ ଉଠାଣିସାହିସ୍ଥିତ ରାମେଶ୍ୱର ମନ୍ଦିର, ବିରୁପାକ୍ଷେଶ୍ୱର ମନ୍ଦିର, ମାଳିସାହିସ୍ଥିତ ଗତିଶ୍ୱର ଆଦି ଶୈବପୀଠରେ ମକର ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଉଠାଣିସାହିସ୍ଥିତ ବାବା ରାମେଶ୍ୱର ମନ୍ଦିରରେ ନିତିକାନ୍ତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା । ପୂର୍ବ ନିଷ୍ପତ୍ତି ଅନୁସାରେ ନୂଆସାହି, ଗଦାଧରପୁର, ଉଠାଣିସାହି, କାଚପଲି, ନୂଆପଲିର ସଭାପତିଙ୍କ ସମେତ ଗ୍ରାମବାସୀ ପହଞ୍ଚି ଚାଉଳ ଚୁନା , କଦଳୀ , ନଡିଆ , ଲିଆ , ଗୋଲମରିଚ , ଗୁଜୁରାତିଆଦିପକାଇ ମକର ଚାଉଳ ଭୋଗ ପ୍ରସ୍ତୁତ କରାଯାଇଥିଲା । ମକର ଚାଉଳକୁ ଠାକୁରଙ୍କ ପାଖରେ ଲାଗି କରିବା ପରେ ସାହି ସଭାପତିମାନେ ଭୋଗ ନେଇ ନିଜ ଦାୟିତ୍ୱରେ ସାହିର ପ୍ରତି ଘରେ ପହଞ୍ଚାଇଥିଲେ । ଅନୁରୂପ ଭାବେ କୋରଡାଗଡସ୍ଥିତ ପଞ୍ଚମୁଖୀ ହନୁମାନ ପୀଠରେ ଶ୍ରଦ୍ଧାଳୁମାନଙ୍କ ଭିଡ ଦେଖିବାକୁ ମିଳିଥିଲା । ପ୍ରତି ସଂକ୍ରାନ୍ତୀରେ ଏଠାରେ ହୋମଯଜ୍ଞ କରାଯାଉଥିବା ବେଳେ ମକର ସଂକ୍ରାନ୍ତୀ ଅବସରରେ ହୋମଯଜ୍ଞ ସାଙ୍ଗକୁ ନାମଯଜ୍ଞ କରାଯାଇ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପଣା , ମକର ଭୋଗ ଓ ଚରୁଅନ୍ନର ପ୍ରଦାନ ବ୍ୟବସ୍ଥା କରାଯାଇଥିଲା । ତେବେ ପଞ୍ଚମୁଖୀ ହନୁମାନ ପ୍ରତ୍ୟକ୍ଷ ଠାକୁର ହୋଇଥିବାରୁ ଭକ୍ତମାନଙ୍କର ଭିଡ଼ ଜମିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

# ନୀଳମାଧବଙ୍କ ନବାଙ୍କ ବେଢା ପରିକ୍ରମା

ଖଣ୍ଡପଡ଼ା,୧୪।୧(ଅଜୟ କୁମାର ମହାରଣା) ପୌଷ ତ୍ରୟୋଦଶୀ ତିଥି ଅବସରରେ ସୋମବାର ନୀଳମାଧବଙ୍କ ନବାଙ୍କ ବେଢା ପରିକ୍ରମା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ରାତିଧୂପ ପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ହାନ୍ଦୋଳାରେ ବିଜେ କରାଯାଇ ପ୍ରଥମେ ଗରୁଡ଼ଙ୍କ ଚତୁଃପାର୍ଶ୍ୱରେ ୩ ଘେରା ବୁଲା ଯାଇଥିଲା । ପରେ ମନ୍ଦିର ଓ ବେଢା ଚାରିପାଖରେ ୩ ଘେରା ଲେଖାଏ ସମୁଦାୟ ୯ ଘେରା ପରିକ୍ରମା କରାଯାଇଥିଲା। ଏହାକୁ ନବାଙ୍କ ବେଢା ପରିକ୍ରମା କୁହାଯାଏ । ଠାକୁରଙ୍କ ଏହି ନବାଙ୍କ ବେଢା ପରିକ୍ରମା ଦୃଶ୍ୟ ଦର୍ଶନ ସହ ଠାକୁରଙ୍କ ବେଢା ପରିକ୍ରମା କରିବାକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମନ୍ଦିର ପରିସରରେ ସମାଗମ ହୋଇଥିଲେ । ବିଶ୍ୱାସ ରହିଛି, ଏହି ନବାଙ୍କ ବେଢା କାର୍ଯ୍ୟକ୍ରମ ବେଳେ ପିତୃ ପୁରୁଷମାନେ ସେମାନଙ୍କ ବଂଶଜମାନେ କିପରି ଅଛନ୍ତି ଦେଖିବାକୁ ଆସିଥାଆନ୍ତି । ମନ୍ଦିରରେ ଉପସ୍ଥିତ ଶ୍ରଦ୍ଧାଳୁ ସେମାନଙ୍କ ପିତୃ ପୁରୁଷଙ୍କ ସଦ୍‌ଗତି ନିମନ୍ତେ ଠାକୁରଙ୍କୁ ପ୍ରାର୍ଥନା କରିଥାଆନ୍ତି । ଯଦି ଏହି ଦିନରେ କେହି ମନ୍ଦିର ଆସି ନ ଥାଆନ୍ତି ତେବେ କୌଣସି ଅଘଟଣ ଘଟିଛି କିମ୍ବା ତାଙ୍କ ବଂଶରେ କେହି ନ ଥିବା ପିତୃ ପୁରୁଷମାନେ ବିଶ୍ୱାସ କରନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି । ଏହି ପାରମ୍ପରିକ ନୀତି ନିୟମ ଓ ବିଶ୍ୱାସକୁ ଆଧାର କରି ସୋମବାର ସନ୍ଧ୍ୟାଠାରୁ ରାତି ପର୍ଯ୍ୟନ୍ତ ନବାଙ୍କ ବେଢା ପରିକ୍ରମା ପାଇଁ ପ୍ରବଳ ଜନସମାଗମ ଲାଗି ରହିଥିଲା । ନବାଙ୍କ ବେଢା ପରିକ୍ରମା ପରେ ଶ୍ରୀଜୀଉଙ୍କ ବଡସିଂହାର ନୀତି କରାଯାଇ ଠାକୁର ଗରୁଡ଼ ବିଜେ ହୋଇଥିଲେ । ରାତି ପ୍ରାୟ ୧୦ଟାରେ ଠାକୁରଙ୍କ ପହଡ ପଡିଥିଲା ।

# ଛାତରୁ ଖସି ଶିଶୁକନ୍ୟା ଗୁରୁତର

ନୟାଗଡ଼/ଭାପୁର,୧୪।୧ (ଲୋକନାଥ ମିଶ୍ର/ଭରତ କୁମାର ବେହେରା):ଛାତରେ ଖେଳୁଥିବା ବେଳେ ଭାପୁର ବ୍ଲକ ବିଜିପୁର ଗ୍ରାମର ଜଗନ୍ନାଥ ପରିଡ଼ାଙ୍କ ଦେଢବର୍ଷର ଝିଅ ଅଭିଲିପ୍ସା ପରିଡ଼ା ଆହତ ହୋଇଛନ୍ତି । ସକାଳ ସାଢେ ୮ଟା ବେଳେ ଖେଳିବା ପାଇଁ ଅଭିଲିପ୍ସା ଛାତକୁ ଯାଇଥିଲେ । ଛାତରେ ଖେଳୁଥିବା ବେଳେ ଅସାବଧାନତା ବଶତଃ ତଳକୁ ଖସିପଡି ଥିଲେ । ପରିବାର ଲୋକେ ତୁରନ୍ତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି ।

# ବାଣପୁର ଟିମ୍ ବିଜୟୀ

## ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖଣ୍ଡପଡା,୧୪।୧ (ଅଜୟ କୁମାର ମହାରଣା) ବାଣପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡ଼ିଆଠାରେ ଆରମ୍ଭ ହୋଇଥିବା ରବିନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଥିଲା ୫ମ ଲିଗ୍ ମ୍ୟାଚ । ଆଜିର ମ୍ୟାଚରେ ବଡ଼ବାଣପୁର କ୍ରିକେଟ୍ ଟିମ ୨୯ ରନରେ ରଘୁନାଥ କ୍ରିକେଟ୍ କ୍ଲବ୍ କଣ୍ଟିଲୋକୁ ହରାଇ ବିଜୟୀ ହୋଇଛି । ବାଣପୁର ଦଳ ଟସ୍ ଜିଣି ବ୍ୟାଟିଂ ଆରମ୍ଭ କରି ୧୬ ଓଭରରେ ୫ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରିଥିଲା । ଜବାବ୍‌ରେ ରଘୁନାଥ ଟିମ୍ ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୦୮ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । କପିଳ କୁମାର ଦଳେଇ ଓ ପିଣ୍ଟୁ ପ୍ରଧାନ ଖେଳକୁ ପରିଚାଳନା କରିଥିଲେ । ବୁଧବାର ବାଣପୁର କ୍ରିକେଟ ଟିମ ସହ ଘଣାଶାଳିଆ କ୍ରିକେଟ ଟିମ୍‌ର ମୁକାବିଲା ହେବ ।

# ଠାକୁରଙ୍କ ପହିଲି ଭୋଗ ନୀତି ବନ୍ଦ ହେଲା

## ସିଦ୍ଧେଶ୍ୱର ମହାଦେବ ଦକ୍ଷିଣକୁ ଢଳିଲେ

ଖଣ୍ଡପଡ଼ା,୧୪।୧ (ଅଜୟ କୁମାର ମହାରଣା) ପ୍ରତି ବର୍ଷ ମକର ସଂକ୍ରାନ୍ତୀ ପର୍ବ ରାଜ୍ୟର ବିଭିନ୍ନ ସ୍ଥାନରେ ଖୁବ୍ ଧୁମଧାମରେ ପାଳନ କରାଯାଏ । ତେବେ ଏହି ସଂକ୍ରାନ୍ତୀର ଅନ୍ୟ ଏକ ଆକର୍ଷଣ ହେଉଛି କଣ୍ଟିଲୋର ନୀଳମାଧବଙ୍କ ମନ୍ଦିର ଦକ୍ଷିଣ ପାର୍ଶ୍ୱ ଦେବତା ଭାବେ ବିରାଜିତ ସିଦ୍ଧେଶ୍ୱର ମହାଦେବଙ୍କ ପାର୍ଶ୍ୱ ପରିବର୍ତ୍ତନ । ଏହି ଠାକୁରଙ୍କ ମହିମା ଅବର୍ଣ୍ଣନୀୟ । କପିଳ ସଂହିତାରେ ଉଲ୍ଲେଖ ଅଛି, ସିଦ୍ଧେଶ୍ୱରଙ୍କ ଲିଙ୍ଗ ସୂର୍ଯ୍ୟଙ୍କ ଗତିର ବିପରୀତ ଦିଗକୁ ଆପେ ଆପେ ଢଳିଥାଏ । ସୂର୍ଯ୍ୟ କର୍କଟ ସଂକ୍ରାନ୍ତୀଠାରୁ ଦକ୍ଷିଣକୁ ଓ ମକର ସଂକ୍ରାନ୍ତୀଠାରୁ ଉତ୍ତର ଦିଗକୁ ଗତି କରିଥାଆନ୍ତି । ଏ ପରିପ୍ରେକ୍ଷୀରେ କଣ୍ଟିଲୋ ନୀଳମାଧବଙ୍କ ପାର୍ଶ୍ୱ ଠାକୁର ସିଦ୍ଧେଶ୍ୱର ମହାଦେବଙ୍କ ଲିଙ୍ଗ ଆପଣା ଛାଏଁ ସୂର୍ଯ୍ୟଙ୍କ ଗତିର ବିପରୀତ ଦିଗକୁ ଢଳି ଥିବାର ଦେଖିବାକୁ ମିଳିଛି । ମଙ୍ଗଳବାର ମକର ସଂକ୍ରାନ୍ତୀ ତିଥିରେ ସୂର୍ଯ୍ୟ ଉତ୍ତରାୟଣ ଗତି ହୋଇଥିବାରୁ ସିଦ୍ଧେଶ୍ୱର ମହାଦେବଙ୍କ ଲିଙ୍ଗଟି ଦକ୍ଷିଣ ଦିଗକୁ ଢଳିଥିବା ଦେଖା ଯାଇଛି । ଦୂରରୁ ଦେଖିଲେ ଏହି ଲିଙ୍ଗର ଗତି ମଧ୍ୟ ସ୍ପଷ୍ଟ ଜଣାପଡିଥାଏ । ଏହା ଛଡା ଶ୍ରୀ ନୀଳମାଧବଙ୍କ ଧନୁ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ପହିଲି ଭୋଗ ନୀତି ପରମ୍ପରା ଅନୁଯାୟୀ ମଙ୍ଗଳବାରଠାରୁ ବନ୍ଦ ହୋଇଛି । ସେହିପରି କଣ୍ଟିଲୋ ନିକଟସ୍ଥ ଅନ୍ୟତମ ପର୍ଯ୍ୟଟନ ପୀଠ ସିଧାମୂଳା ଗୋକୁଳାନନ୍ଦଙ୍କ ମକର ସଂକ୍ରାନ୍ତି ଅବସରରେ ଶ୍ରୀଜୀଉଙ୍କ ମକର ଚାଉଳ ଓ ୮୪ ପ୍ରକାର ବ୍ୟଞ୍ଜନ ଲାଗି ହୋଇଛି ।



ସିଦ୍ଧେଶ୍ୱର ମହାଦେବ । ।

# ଭାଇଚାରା ସୃଷ୍ଟି କରିବାର ପରମ୍ପରା ମକର

ଖଣ୍ଡପଡ଼ା,୧୪।୧(ଅଜୟ କୁମାର ମହାରଣା) ପର୍ବ ପର୍ବାଣି ପାଳନରେ କିଛି ନା କିଛି ଧର୍ମ ଓ ବିଜ୍ଞାନସମ୍ମତ ମତ ରହିଛି । ଏଥି ମଧ୍ୟରୁ ମକର ସଂକ୍ରାନ୍ତୀ ବା ମକରପର୍ବ ଅନ୍ୟତମ । ଏହା ଏକ ଗଣପର୍ବ ଭାବେ ପରିଚିତ । ମକର ସଂକ୍ରାନ୍ତି ଦିନ ସ୍ନାନ, ପୂଣ୍ୟ, ଦାନ, ଜପ, ଧର୍ମ କାର୍ଯ୍ୟର ଯଥେଷ୍ଟ ମହତ୍ୱ ରହିଛି । ଜନଶ୍ରୁତି କହେ ଏହି ଦିନ ଯଜ୍ଞରେ ଦିଆଯାଉଥିବା ଦ୍ରବ୍ୟକୁ ଅସ୍ୱାଦନ କରିବା ନିମନ୍ତେ ଦେବତାମାନେ ଧରାପୃଷ୍ଠକୁ ଅବତରଣ କରିଥାଆନ୍ତି । ଏହି ପର୍ବରେ ମୁଖ୍ୟ ଭୋଗ ମକର ଚାଉଳ । ମକର ସଂକ୍ରାନ୍ତି ଓଡ଼ିଶାର ଏକ କୃଷିଭିତ୍ତିକ ପର୍ବ । କୃଷକ ବର୍ଷସାରା ପରିଶ୍ରମ କରି ଅମଳ କରିଥିବା ଶସ୍ୟକୁ ଘରକୁ ଆଣିଥାଏ । ପ୍ରଥମ ଶସ୍ୟକୁ ଖାଇବା ପୂର୍ବରୁ ପ୍ରଥମେ ଚାଷୀ ତା’ର ଇଷ୍ଟ ଦେବତାଙ୍କୁ ମକର ଚାଉଳ ମାଧ୍ୟମରେ ସମର୍ପଣ କରିଥାଏ । ଏହି ପରମ୍ପରାକୁ ଉଜ୍ଜିବିତ କରିବା ପାଇଁ ପ୍ରତିବର୍ଷ ଏହି ସଂକ୍ରାନ୍ତୀରେ ବିଭିନ୍ନ ଦେବୀ ଦେବ ପୀଠରେ ମକର ଚାଉଳ ଭୋଗ କରାଯାଏ । ଏହି ଅବସରରେ ମଙ୍ଗଳବାର କଣ୍ଟିଲୋ, ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ସୂର୍ଯ୍ୟ ଉପାସନା କରିବା ସହ ମକରଚାଉଳ ପୂଜା କରାଯାଇଥିଲା । ସୂର୍ଯ୍ୟଙ୍କୁ ପୂଜା କରିବାର କାରଣ ହେଉଛି ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର । ସେ ହେଉଛନ୍ତି ଜୀବ ଜଗତର ରକ୍ଷାକର୍ତ୍ତା । ଏହି ଦିନ ସୂର୍ଯ୍ୟ ଉପାସନା ସହିତ ମକର ଚାଉଳ ପୂଜା କରିବାର ବିଧି ରହିଛି । ଏଥିରେ ନୂଆ ଚାଉଳ, ଗୁଡ, ନଡ଼ିଆ, ଛେନା, ପାଚିଲା କଦଳୀ, କର୍ପୁର, ଖଣ୍ଡ ଆଖୁ, ଜାଇଫଳ, ବରକୋଳି ଏବଂ ଅନ୍ୟାନ୍ୟ ଫଳ ପକାଇ ତାକୁ କ୍ଷୀର ଦ୍ୱାରା ମିଶ୍ରଣ କରି ମକର ଚାଉଳ ପ୍ରସ୍ତୁତ କରାଯାଏ । ଏହି ନୂଆ ଚାଉଳ ପ୍ରସ୍ତୁତ ଭୋଗକୁ ଇଷ୍ଟ ଦେବତା, ଘର ଇସାଣ, ଚଉରା ମୂଳ ଏବଂ ଖଳା ବାଡିରେ ଅର୍ପଣ କରାଯାଇଥିଲା ।

ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କର ତେଜ ପ୍ରଖର ହେଉଥିବାରୁ ଶରୀର ହଜମ ଶକ୍ତି ବୃଦ୍ଧି ପାଇଥାଏ । ଏହି ମକର ଚାଉଳ ଖାଇବା ଦ୍ୱାରା ଶରୀରରୁ ପିତ୍ତ ନାଶ ହେବା ସହିତ ଗ୍ୟାସ୍ ଜନିତ ସମସ୍ତ ରୋଗରୁ ମୁକ୍ତି ମିଳିଥାଏ । ଆଜିର ଦିନରେ ମକର ଚାଉଳ ଭୋଗ ଜଣେ ଅନ୍ୟ ଜଣକୁ ଖୁଆଇ ମକର ବସିଥାଆନ୍ତି । ଏହା ଦ୍ୱାରା ଅନ୍ୟ ପରିବାର ସହିତ ବନ୍ଧୁତା ସ୍ଥାପନ ହୋଇଥାଏ । ସମାଜରେ ଭାଇଚାରା ସୃଷ୍ଟି ହୋଇଥାଏ । ଏହି ପରମ୍ପରା କାହିଁ କେଉଁ କାଳରୁ ଚାଲି ଆସିଛି । ପରମ୍ପରା ଅନୁଯାୟୀ ମଙ୍ଗଳବାର ଅନେକ ଯୁବତୀ ଯୁବକ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀ ଛାତ୍ର ଓ ବୟସ୍କ ମହିଳା ପୁରୁଷ କଣ୍ଟିଲୋ ନୀଳମାଧବ ମନ୍ଦିରକୁ ଆସି ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହିତ ମକର ଚାଉଳ ଆଦାନ ପ୍ରଦାନ କରିଥିଲେ । ଏହି ଅବସରରେ ଖଣ୍ଡପଡ଼ା ବ୍ଲକ ଅଧୀନ ସମସ୍ତ ପୁରପଲ୍ଲୀରେ ଦେବାଦେବୀ ପୀଠ ମକରଯାତ୍ରା ଉପଲକ୍ଷେ ଚଳଚଞ୍ଚଳ ହୋଇଉଠିଥିଲା । ଦେବାଦେବୀ ପୀଠରେ ପୂଜାର୍ଚ୍ଚନା ପାଇଁ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

# ବେଆଇନ ବିସ୍ଫୋରଣ, ଧନଜୀବନ ବିପଦାପନ୍ନ

- ଅନୁମତିଠାରୁ ଢେର ଗୁଣ ଅଧିକ ଉତ୍ତୋଳନ
- ଲିଜ୍ ନ ଦେଇ ଲୁଟ୍ କାରବାରକୁ ପ୍ରୋତ୍ସାହନ
- ଆନ୍ଦୋଳନ ପାଇଁ ପ୍ରଭାବିତ ଗ୍ରାମବାସୀଙ୍କ ସଜବାଜ



ଯାଜପୁର,୧୪।୧(ହର୍ଷବର୍ଦ୍ଧନ ବେହେରା)

ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫ୍ଟି (ଡିଜିଏମ୍ଏସ୍) ଏବଂ ରାଜ୍ୟ ଖଣି ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ନିରର୍ଥକ ହୋଇଛି। କେତେଜଣ ଲିଜ୍‌ଧାରୀ ଏବଂ କଳାପଥର ବ୍ୟବସାୟୀ ବେଆଇନ ଉତ୍ତୋଳନ ସହ ବ୍ୟାପକ ବ୍ଲାଷ୍ଟିଂ ଯୋଗୁ ଧନଜୀବନ ବିପଦାପନ୍ନ ହେଉଥିବା ମତପ୍ରକାଶ ପାଇଛି। ଏହିକ୍ରମରେ ସୋମବାର ଆରୁହା ପାହାଡ଼ର ୩୪/୨୦୨୦-୨୧ ଓ ୩୬/୨୦୨୦-୨୧ ନମ୍ବର ଖାଦାନରେ ୧୦ ଫୁଟ ବିଶିଷ୍ଟ ୫୦୦୦ରୁ ଅଧିକ ଗାତ ଖୋଳି ବ୍ଲାଷ୍ଟିଂ ହେଉଥିବାବେଳେ ସ୍ଥାନୀୟ ଅଞ୍ଚଳବାସୀ ଏହାକୁ ବିରୋଧ କରିଛନ୍ତି। ମାଇନ୍ସ ମ୍ୟାନେଜର ଏବଂ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନ କରି ଏଭଳି ବେଆଇନ କାର୍ଯ୍ୟ ହେଉଥିବା ମୁରାରୀପୁର, ଆରୁହା, ଯୋଗଡା, ଖୁଣ୍ଟା, ଥାନୁଆଳ, ଗୁଆରଙ୍ଗ, କଣ୍ଟାମାଳିଆ, ପାଖର ପ୍ରଭୃତି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଧର୍ମଶାଳା ତହସିଲରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲିଜ୍ ଦିଆଯାଇ ନ ଥିବା ଖାଦାନରୁ ଦିନରାତି ବେଆଇନ ଉତ୍ତୋଳନ ସଂକ୍ରାନ୍ତରେ ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କିଛି ସୁଫଳ ମିଳୁନାହିଁ। ଏପରିକି ଧର୍ମଶାଳା ବିଧାୟକ ଲିଜ୍ ଦିଆଯାଇ ନ ଥିବା ଖାଦାନଗୁଡ଼ିକୁ ତୁରନ୍ତ ଆଇନ ଅନୁଯାୟୀ ଲିଜ୍ ଦେବାକୁ ପୂର୍ବରୁ ଅନୁରୋଧ କରିଥିଲେ ବି କେହି ଶୁଣିନାହାନ୍ତି।

ଜିଲା ଲଘୁ ଖଣି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ୮୪ଟି କଳାପଥର ଖାଦାନ ରହିଛି। ସେଥିରୁ ମାତ୍ର ୨୨ଟି ଖାଦାନରୁ ଉତ୍ତୋଳନ ପାଇଁ ଅନୁମତି ଦିଆଯାଇ ଇ-ଟ୍ରାନ୍‌ଜିଟ ପାସ୍(ଟିପି) ପ୍ରଦାନ କରାଯାଇଛି। ୯ ଖାଦାନ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଥିବାରୁ ସେଗୁଡ଼ିକୁ ବନ୍ଦ କରାଯାଇଛି। ଏହାସହ ଭୂସ୍ଖଳନ ପାଇଁ ଗୋଟିଏ, ଗୋଟିଏ ବିଲୁପ୍ତ ପ୍ରାୟ, ୨୫ଟି ଖାଦାନ କୋର୍ଟ କଚେରିରେ ବିଚାରାଧୀନ ଏବଂ ୯ଟି ବୈଧାନିକ ଭାବେ ବିଚାରାଧୀନ ରହିଛି। ଏହାବାଦ ୧୭ଟି ଖାଦାନ ବିଭିନ୍ନ କାରଣରୁ ପରିଚାଳନା ହେଉନାହିଁ। ଲିଜ୍ ଖାଦାନଗୁଡ଼ିକରେ ଗୋଟିଏ ମେଶିନ ଏବଂ ୨ଟି କମ୍ପ୍ରେସର ବ୍ୟବହାର କରିବାକୁ ଅନୁମତି ଥିବାବେଳେ ଆରୁହା ପାହାଡ଼ରୁ ଉପରୋକ୍ତ ଖାଦାନଗୁଡିକରୁ ୨୦ଟି ଟୁ-ଟେନ ମେଶିନ ଓ ୧୮ଟି କମ୍ପ୍ରେସର ଲାଗିଛି। ବେଆଇନ ବିସ୍ଫୋରଣ ଯୋଗୁ ଉପରୋକ୍ତ ଗ୍ରାମଗୁଡ଼ିକ ଥରି ଉଠୁଛି। ସରକାରଙ୍କ ଅନୁମତି ଠାରୁ ଢେର ଗୁଣ ଅଧିକ କଳାପଥର ଲୁଟ ହେଉଥିବା ଏଥିରୁ ସନ୍ଦେହ କରାଯାଉଛି। ଲିଜ୍‌ଧାରୀ ମନୋଜ ସାମଲ ଓ ଶରତ ଜେନାଙ୍କ ନାମରେ ପୂର୍ବରୁ ଜରିମାନା, ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି(ଓପିଡିଆର) ମାମଲା ଓ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲେ ହେଁ ସେମାନେ ନୀତିନିୟମ ମାନୁ ନଥିବା ଅଭିଯୋଗ ହୋଇଛି। ଗତ ୧୦ ମାସ ହେଲା ଯୋଗ୍ୟ କଳାପଥର ଖାଦାନଗୁଡିକ ବନ୍ଦ ପଡିଛି। ଯେଉଁ କେତେକ ଖାଦାନ ଚାଲିଛି, ସେଗୁଡିକର ମାଲିକମାନେ ମନଇଚ୍ଛା ଦାମ ଲଗାଉଛନ୍ତି। ବୋଲଡର ଟନ ପିଛା ୨୫୦ ଟଙ୍କା ଥିବାବେଳେ ୫୦୦ ଟଙ୍କାରେ ବିକ୍ରି ହେଉଛି। ଫଳରେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକ ଘର ଖଣ୍ଡିଏ ତୋଳିବା କଷ୍ଟକର ହୋଇପଡୁଛି। ତେଣୁ ତୁରନ୍ତ ଉପଯୁକ୍ତ ଭାବେ ଆକ୍ସନ ପ୍ଲାନ ପ୍ରସ୍ତୁତ କରି ଆଇନ ଅନୁଯାୟୀ ଅଚଳ ଖାଦାନଗୁଡ଼ିକର ପରିଚାଳନା କରିବାକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଗତ ନଭେମ୍ବରରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। କିନ୍ତୁ ସମ୍ପୃକ୍ତ ଅଧିକାରୀ ଓ କଳାପଥର ବ୍ୟବସାୟୀଙ୍କ ଜରିଆରେ ଲୁଟ୍ କରି ମାଲାମାଲ ହେବାକୁ ଯୋଜନା ଥିବାରୁ ଆଇନ ଅନୁସାରେ କଳାପଥର ଖାଦାନଗୁଡ଼ିକୁ ଲିଜ ଦିଆଯାଉ ନ ଥିବା ଚର୍ଚ୍ଚା ହେଉଛି। ଫଳରେ ସରକାର ବିପୁଳ କୋଟି ଟଙ୍କାର ରାଜସ୍ୱ ହରାଉଥିବା ମତପ୍ରକାଶ ପାଉଛି। ଅନ୍ୟପକ୍ଷରେ ଆଗାମୀ ଦିନରେ ବେଆଇନ କଳାପଥର ଲୁଟ୍ କାରବାର ଯୋଗୁ ସରକାରଙ୍କ ବିରୋଧରେ ବଡ଼ଧରଣର ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଅତ୍ୟଧିକ ବିସ୍ଫୋରଣ ଅଭିଯୋଗ ଉପରେ ଆବଶ୍ୟକ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏହାସହ ଆସନ୍ତା ଫେବୃଆରୀ ସୁଦ୍ଧା ୨୦ରୁ ୨୨ଟି ଖାଦାନକୁ ଆଇନ ଅନୁସାରେ ଲିଜ୍ ଦେବାକୁ ଯୋଜନା କରାଯାଉଛି। ବେଆଇନ ଉତ୍ତୋଳନ ଉପରେ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିହିତ ପଦକ୍ଷେପ ନିଆଯାଉଛି।

## ଦଧିବାମନ ଜୀଉ ମହାବିଦ୍ୟାଳୟରେ ଯୁବ ଦିବସ




ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୧୪।୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁରସ୍ଥିତ ଶ୍ରୀଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟର ରାଷ୍ଟ୍ରୀୟ ସେବାଯୋଜନା ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ର ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବିବେକାନନ୍ଦଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ବିବେକାନନ୍ଦ ହିଁ ଭାରତୀୟ ଯୁବକମାନଙ୍କର ପ୍ରେରଣାର ଉତ୍ସ ବୋଲି ସେ ଅଭିହିତ କରିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସୁଜାତା ଦାସ ସ୍ୱାମିଜୀଙ୍କର ଚିକାଗୋରେ ପ୍ରଦତ୍ତ ଭାଷଣର ସାରାଂଶ ଅବତାରଣା କରିବା ସହ ଛାତ୍ରୀଛାତ୍ର ତାଙ୍କ ଜୀବନାଦର୍ଶରେ ଅନୁଗାମୀ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଗିରିଧାରୀ ପଣ୍ଡା ବେଦାନ୍ତ ଦର୍ଶନ ଓ ସ୍ୱାମୀଜୀଙ୍କ ଜୀବନଧାରା ଉପରେ କହିଥିଲେ। ଅଧ୍ୟାପକ ସୁରେଶ ଚନ୍ଦ୍ର ଲେଙ୍କା, ଗୌର ଶଙ୍କର ମିଶ୍ର, ଅଧ୍ୟାପିକା ପ୍ରମିଳା ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ମନ୍ଦାକିନୀ ରାଉତ ଧନ୍ୟବାଦ ଦେଇଥିଲେ।

## ନାରାୟଣ ପାଳ ସ୍ମାରକୀ କ୍ରିକେଟ: ପୋବଳ ଚାମ୍ପିୟନ



ଚାମ୍ପିୟନ ଟିମ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ଧର୍ମଶାଳା,୧୪।୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପଞ୍ଚାୟତ ଇମାମନଗରସ୍ଥିତ ବାବା ବୀର ହନୁମାନ ୟୁଥ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ନାରାୟଣ ପାଳ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଧର୍ମଶାଳା କ୍ରିକେଟ୍ ଟିମ୍‌କୁ ପୋବଳ ପଞ୍ଚାୟତ ଟିମ୍ ୫୦ ରନ୍‌ରେ ହରାଇ ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିତି ପୋବଳ ଟିମ୍ ନିର୍ଦ୍ଧାରିତ ୧୮ ଓଭର ମଧ୍ୟରୁ ୧୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୦୯ ରନ୍ କରିଥିଲା। ଦଳ ପକ୍ଷରୁ ବିପିନ୍ ନାୟକ ସର୍ବାଧିକ ୭୪ ରନ୍ କରିଥିଲେ। ଜବାବ୍‌ରେ ଧର୍ମଶାଳା ଟିମ୍ ୧୬.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୫୯ ରନ୍ କରି ପରାଜିତ ହୋଇଥିଲା।

ଦଳ ପକ୍ଷରୁ ଅବିନାଶ ସାମଲ ସର୍ବାଧିକ ୫୭ ରନ୍ କରିଥିଲେ। ଖେଳକୁ ବିକ୍ରମ ଜେନା, ମୃତ୍ୟୁଞ୍ଜୟ ବରାଳ ପରିଚାଳନା କରିଥିଲେ। ବିଜୟୀ ଦଳର ବିପିନ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଧର୍ମଶାଳା ଟିମ୍‌ର ରାହୁଲ ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜି ଭାବେ ପୁରସ୍କୃତ କରାଯାଇଥିଲା। ଅତିଥିଭାବେ ଇଂ. ନରେନ୍ ଜେନା, ଖବରଦାତା ମାନସ ରଞ୍ଜନ ଜେନା, ସରପଞ୍ଚ ତ୍ରିଲୋଚନ ଜେନା ଯୋଗଦେଇ ବିଜୟୀ ଟିମ୍‌କୁ ଚାମ୍ପିୟନ ଟ୍ରଫି ଓ ପରାଜିତ ଟିମ୍‌କୁ ରନସ୍ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ଯୁବନେତା ଦେବବ୍ରତ ରାଉତ ଧନ୍ୟବାଦ ଦେଇଥିଲେ।

## ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଖଣ୍ଡିତର ଉଚ୍ଚ ବିଦ୍ୟାଳୟ ପ୍ରକଳ୍ପ ପ୍ରଶଂସିତ

ରସୁଲପୁର,୧୪।୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅଧୀନ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟକୁ ୩୧ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ପ୍ରଶଂସିତ କରାଯାଇଛି। ଏହି ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଟଳ ବିହାରୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଓ ଦଶମ ଶ୍ରେଣୀ ଛାତ୍ର ରଶ୍ମିରଞ୍ଜନ ଦାଶ ଏବଂ ରାଜେଶ ଦାଶଙ୍କ ଦ୍ୱାରା ପ୍ରଦର୍ଶିତ 'ପ୍ରକୃତି ଦ୍ୱାରା ପରିପୋଷିତ ପ୍ରାକୃତିକ କୃଷି' ବିଜ୍ଞାନ ପ୍ରକଳ୍ପକୁ ଜାତୀୟ କଂଗ୍ରେସରେ ସମ୍ମାନିତ କରାଯାଇଛି। ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଦ୍ୱାରା ମଧ୍ୟପ୍ରଦେଶ ଭୋପାଳର ରବୀନ୍ଦ୍ର ଭବନଠାରେ ଜାନୁଆରୀ ୩ ରୁ ୬ତାରିଖ ଯାଏ ଆୟୋଜିତ ବିଜ୍ଞାନ କଂଗ୍ରେସରେ ଦେଶର ବିଭିନ୍ନ ରାଜ୍ୟରୁ ଶତାଧିକ ବିଦ୍ୟାର୍ଥୀ ସେମାନଙ୍କ ପ୍ରକଳ୍ପକୁ ନେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଓଡ଼ିଶାର ୨୬ ପ୍ରକଳ୍ପ ମଧ୍ୟରୁ ଯାଜପୁର ଜିଲାରୁ ଏକମାତ୍ର ପ୍ରକଳ୍ପ ଭାବରେ ଖଣ୍ଡିତର ହାଇସ୍କୁଲର ବିଦ୍ୟାର୍ଥୀ ଦ୍ୱୟଙ୍କୁ ଜାତୀୟସ୍ତରର ଶିଶୁ ବିଜ୍ଞାନ କଂଗ୍ରେସକୁ ମନୋନୀତ କରାଯାଇଥିଲା। ଖଣ୍ଡିତର ହାଇସ୍କୁଲର ବିଦ୍ୟାର୍ଥୀଙ୍କ ଦ୍ୱାରା ପ୍ରଦର୍ଶିତ ଓ ଉପସ୍ଥାପିତ ପ୍ରକଳ୍ପ ସମୟ ଉପଯୋଗୀ, ପରିବର୍ତ୍ତିତ ପାଣିପାଗରେ ସ୍ଥାୟିତ୍ୱ ବଜାଇ ରଖିପାରୁଥିବା କୃଷିର ପରିକଳ୍ପନା, କୃଷିକ୍ଷେତକୁ ସୁରକ୍ଷିତ ରଖିବା, ରାସାୟନିକ ସାର, କୀଟନାଶକ ମୁକ୍ତ ଓ ପରିବେଶ ଅନୁକୂଳ କୃଷି ଉପରେ ଆଧାରିତ ପ୍ରକଳ୍ପ ବିଚାରକମଣ୍ଡଳି, ପ୍ରଦର୍ଶନୀରେ ଯୋଗଦେଇଥିବା ଅତିଥିମାନଙ୍କୁ ଆକୃଷ୍ଟ କରିପାରିଥିଲା। ବିଦ୍ୟାର୍ଥୀଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ପ୍ରଶଂସିତ ହୋଇଥିବା ଖବରକୁ ନେଇ ଜିଲାର ବିଭିନ୍ନ ମହଲରେ ଖୁସିର ଲହରି ଖେଳିଯାଇଛି। ଏହି ସଫଳତା ପାଇଁ ପ୍ରତିଯୋଗୀ ଓ ବିଜ୍ଞାନ ଶିକ୍ଷକ ବେହେରାଙ୍କୁ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି, ବ୍ଲକ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ର, ଜିଲା ବିଜ୍ଞାନ ସଂଯୋଜକ କୁମାରସେନ ସେନାପତି, ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଜିଲା ସଂଯୋଜକ ଅକ୍ଷୟ କୁମାର ପଣ୍ଡା, ପ୍ରଧାନଶିକ୍ଷକ ସୁନନ୍ଦ କୁମାର ରାଉତଙ୍କ ସମେତ ଜାତୀୟ ବିଜ୍ଞାନ କଂଗ୍ରେସର ରାଜ୍ୟ ସଂଯୋଜକ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ସାହିତ୍ୟ ଦର୍ପଣ ପତ୍ରିକାର ରଜତ ଜୟନ୍ତୀ



ଅତିଥି ପତ୍ରିକା ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା,୧୪।୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା କଲେଜ ପରିସରରେ ସାହିତ୍ୟ ଦର୍ପଣ ପତ୍ରିକାର ରଜତ ଜୟନ୍ତୀ ଉତ୍ସବ ଅଧ୍ୟାପକ ତ୍ରିଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଉତ୍ସବକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଉଦ୍‌ଘାଟନ କରି ଜାତୀୟ ବିକାଶରେ ସାହିତ୍ୟିକମାନଙ୍କ ଯଥେଷ୍ଟ ଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଯୋଗଦେଇ ସାହିତ୍ୟ ଆମକୁ ଏକତାର ସୂତ୍ରରେ ବାନ୍ଧି ରଖିବାର ଏକ ପ୍ରକୃଷ୍ଟ ମାଧ୍ୟମ। ସାହିତ୍ୟରୁ ଯେଉଁ ତୃପ୍ତି ମିଳେ ତାହାର ପଟ୍ଟାନ୍ତର ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଦାସ ବେନହୁର୍ ଯୋଗଦେଇ ଭାଷା ଗୋଟିଏ ଜାତିର ପ୍ରାଣ। ଏହି ପ୍ରାଣରେ ସାହିତ୍ୟ ଉନ୍ମାଦନା ଭରେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଖବରଦାତା ପ୍ରଦ୍ୟୁମ୍ନ କୁମାର ଶତପଥୀ ଯୋଗଦେଇ ଆଜିର ସାହିତ୍ୟ ଜନଜୀବନର ବାର୍ତ୍ତା ବହନ କଲେ କାଳଜୟୀ ହୋଇପାରିବ ବୋଲି କହିଥିଲେ।

ଏହି ଅବସରରେ ସମସ୍ତ ଅତିଥି ସାହିତ୍ୟ ଦର୍ପଣର ରଜତ ଜୟନ୍ତୀ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଔପନ୍ୟାସିକ ଭୀମ ପୃଷ୍ଟିଙ୍କୁ ସାହିତ୍ୟ ଦର୍ପଣ ରଜତ ଜୟନ୍ତୀ ପୁରସ୍କାର, କବି ଅଭୟ ନାୟକଙ୍କୁ ସାହିତ୍ୟ ଦର୍ପଣ ରଜତ ଜୟନ୍ତୀ କବିତା ପୁରସ୍କାର, ଗାଳ୍ପିକ ଅରବିନ୍ଦ ଦାସଙ୍କୁ ଗଳ୍ପ ସମ୍ମାନ, ଡ. ନଳିନୀ ବେହେରା, ଡ. ଚିତ୍ତରଞ୍ଜନ ବେହେରା, କବି ନିରୁପମା ସ୍ୱାଇଁ, କବି ଶ୍ରୁଶୀ ସଙ୍ଗୀତା କୁମାର, କବି ଚନ୍ଦ୍ର ମୋହନ ମହାପାତ୍ରଙ୍କୁ ସାହିତ୍ୟ ଦର୍ପଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପତ୍ରିକାର ସମ୍ପାଦକ ବିମଳ ପତି ବିବରଣୀ ପାଠ କରିଥିବାବେଳେ ଭକ୍ତ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ସୁଚେତା ମିଶ୍ର, ରକ୍ଷକ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ପଠିତ କବିତାଗୁଡ଼ିକୁ କବି ସଂଘମିତ୍ରା ରାୟଗୁରୁ ଓ ଶ୍ରର୍ବାଣୀ ଦାସ ସଂଯୋଜନା କରିଥିଲେ। ଏଥିରେ ୨୫ ଜଣ ନିମନ୍ତ୍ରିତ କବି ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷକ ନରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଚଣ୍ଡିଖୋଲ,୧୪।୧(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତ ରୁକୁଟିପାଟ ଗ୍ରାମର ବ୍ରଜକିଶୋର ବିଶ୍ୱାଳ(୯୩)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ ଜଣେ ଆଦର୍ଶ ପ୍ରାଥମିକ ଶିକ୍ଷକ ଭାବରେ ସୁନାମ ଅର୍ଜନ କରି ଚାକିରିରୁ ଅବସର ଗ୍ରହଣ କରିଥିଲେ। ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ଚିକିତ୍ସାଧୀନଥିଲେ। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗ ଖବର ପାଇ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ବିଧାୟକ ଅମର କୁମାର ନାୟକ, ବରିଷ୍ଠ ସାମାଜିକ କର୍ମୀ ଦିବାକର ବିଶାଳ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ସୁବର୍ଣ୍ଣମୁଖୀ ଟ୍ରକ୍, ଟିପ୍ପର ମାଲିକ ସଂଘ ପକ୍ଷରୁ ସଫେଇ




ଯାଜପୁର ଟାଉନ,୧୪।୧ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ସହରର କିଆନାଳିଛକ ନିକଟରେ ମା' ସୁବର୍ଣ୍ଣମୁଖୀ ଟ୍ରକ୍ ଓ ଟିପ୍ପର ମାଲିକ ସଂଘ ପକ୍ଷରୁ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ସ୍ୱଚ୍ଛତା ହିଁ ସେବାକୁ ସଫଳ କରିବା ଉଦ୍ଦେଶ୍ୟରେ ସଂଘ ସଭାପତି ସଞ୍ଜୟ ବେହେରାଙ୍କ ନେତୃତ୍ୱରେ ସମ୍ପାଦକ ଲକ୍ଷ୍ମୀଧର ଜେନା, ଉପସଭାପତି ମାନସ ଧଳ, କୋଷାଧ୍ୟକ୍ଷ ଅଶୋକ ସାହୁଙ୍କ ସମେତ ସମସ୍ତ ସଭ୍ୟ ଏହି ସଫେଇରେ ସାମିଲ ହୋଇଥିଲେ। ଶୀତ ଦିନେ ପ୍ରଦୂଷଣ ଓ କୁହୁଡିରୁ ମୁକ୍ତି ପାଇବା ସହ ଯାଜପୁର ସହରକୁ କ୍ଲିନ ଓ ଗ୍ରୀନ ଯାଜପୁର ଭାବେ ଗଢି ତୋଳିବାକୁ ଏଭଳି ସଫେଇ କାର୍ଯ୍ୟ କରାଯାଉଛି। ଏହି ଅଭିଯାନରେ ଯାଜପୁର କିଆନାଳିଛକଠାରୁ ମାନସାପୋଲ ପର୍ଯ୍ୟନ୍ତ ରାସ୍ତାକୁ ସଫା କରାଯାଇଥିଲା। ସଂଘ ପକ୍ଷରୁ ଇକବାଲ, କେଶବ ମହାନ୍ତି, ପ୍ରକାଶ ସାହୁ, କମଳାକାନ୍ତ ମାଝୀ, ଦୀପକ ମାଝୀ, ରାଜେଶ ରାଉତ, ମହେଶ୍ୱର ପଣ୍ଡା, ଶୁଭଙ୍କର ଧଳ, ପ୍ରଶାନ୍ତ ଦାସ, ଚନ୍ଦନ ସାମଲ, ସତ୍ୟଜିତ ସାହୁ, ସନ୍ତୋଷ ବର୍ଦ୍ଧନ, ରାଜକିଶୋର ମିଶ୍ର, ମନୋଜ ଦାସ, ଶକ୍ତିରଞ୍ଜନ ପରିଡ଼ା, ଶୁଭେନ୍ଦୁ ରାଉତ, ନାରାୟଣ ପଣ୍ଡା, ସୁଦର୍ଶନ ରଣା, ପୁରୁଷୋତ୍ତମ ପୃଷ୍ଟି ଓ ଅରୁଣ ନନ୍ଦ ପ୍ରମୁଖ ଯୋଗଦେଇ ସଫେଇ କରିଥିଲେ।

## ଅଲେଇଶୁଣୀଙ୍କ ପୀଠରେ ମକର ମେଳା ଆରମ୍ଭ

ପାଣିକୋଇଲି,୧୪।୧(ବିକାଶ ମଲ୍ଲିକ):

କୋରେଇ ବ୍ଲକ ଅନ୍ତର୍ଗତ ଗୋକ୍ଳେଇପୁର ଓ ଜହ୍ନା ପଞ୍ଚାୟତର ଗଣପର୍ବ ମା' ଅଲେଇଶୁଣୀଙ୍କ ପୀଠରେ ମକର ସଂକ୍ରାନ୍ତିରେ ମା'ଙ୍କ ବାର୍ଷିକ ଯଜ୍ଞୋତ୍ସବ ଆରମ୍ଭ ହୋଇଛି। ଏଥିନିମନ୍ତେ ୫ ଦିନ ବ୍ୟାପୀ ମେଳା ଓ ମହୋତ୍ସବ ପାଳନ କରାଯିବ। ମେଳେରେ ମୀନାବଜାର ସହିତ କୁନିକୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୬ ବର୍ଷରୁ ଊର୍ଦ୍ଧ୍ୱ ହେବ ଆୟୋଜିତ ହୋଇ ଆସୁଥିବା ଉକ୍ତ ମେଳାରେ ପଡ଼ୋଶୀ ପାଣିକୋଇଲି, ପଥରପଦା ଓ ବଡ଼ବିରୁହାଁ ପଂଚାୟତର ବହୁ ଜନସାଧାରଣଙ୍କ ସମାଗମ ହୋଇଥାଏ। ଅଲେଇଶୁଣୀ ମେଳା କମିଟିର ସଭାପତି ପ୍ରୀତିରଞ୍ଜନ ସାହୁ (ଲିପା), ସମ୍ପାଦକ ପ୍ରଦୀପ ଖଣ୍ଡାଇ, ସଦସ୍ୟ ଚନ୍ଦ୍ରକାନ୍ତ ଖଣ୍ଡାଇ, ସୋମନାଥ ସାହୁ, ଗୋପାଳଚନ୍ଦ୍ର ଦାଶ, ସୁଶାନ୍ତ ମହାପାତ୍ର, ରବୀନ୍ଦ୍ର ସେଠୀ, କୀର୍ତ୍ତନ ବିହାରୀ ମହାପାତ୍ର, ଅଇଁଠୁ ନାୟକ, ରବି ବେହେରା, ମନୋଜ ନାୟକ, ନିତ୍ୟାନନ୍ଦ ସାହୁ, ପ୍ରଫୁଲ୍ଲ ମାଝୀ, ହରେକୃଷ୍ଣ ସାହୁ, ଦିଗାମ୍ବର ନାୟକ ଓ ବିଶ୍ୱରଞ୍ଜନ ମହାପାତ୍ର ପ୍ରମୁଖ କାର୍ଯ୍ୟକମ ପରିଚାଳନାରେ ସହଯୋଗ କରୁଛନ୍ତି।

## ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରସୁଲପୁର,୧୪।୧(ରଞ୍ଜିତ ରାଉତ):



ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଖେଳାଳି।

ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ପ୍ରଗତି କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨୨ତମ ରାଜ୍ୟସ୍ତରୀୟ ଇଏସ୍‌ପିଏନ-ପ୍ରଗତି କ୍ଲବ ଭଲିବଲ୍ ଟୁର୍ନାମେଣ୍ଟ ମଙ୍ଗଳବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସର ମ୍ୟାଚ୍‌ରେ ନେହେରୁ ଷ୍ଟାଡିୟମ ଭଦ୍ରକ, ସୂର୍ଯ୍ୟଶିଖା, ଭୂମିକା ଆଦି ଦଳ ପ୍ରତିପକ୍ଷ ଦଳକୁ ପରାସ୍ତକରି ଅଗ୍ରଣୀ ଲାଭ କରିଛନ୍ତି। ଅଧ୍ୟାପକ ଶିର୍ଦ୍ଧାର୍ଥ ଶଙ୍କର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଜିତେନ୍ଦ୍ର କୁମାର କର, ସମ୍ମାନିତ ଅତିଥି ଭାବରେ ଓଡିଶା ରାଜ୍ୟ ଭଲି ଖେଳର ପ୍ରଶିକ୍ଷକ ନିଜାମ ଅଲ୍ଲି, ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ କର, ମୁଗୁପାଳ ସମିତିସଭ୍ୟ ନରୋତ୍ତମ ସାହୁ, ନାଏବ ସରପଞ୍ଚ ଅଜିତ୍ ଓଝା, ସଂଗୀତ ଗୁରୁ ପ୍ରମୋଦ ଦାଶ ପ୍ରମୁଖ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିବା ସହ ଖେଳରେ ଭାତୃତ୍ୱଭାବ, ଶାନ୍ତିଶୃଙ୍ଖଳା, ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାଇ ରଖିବାକୁ ଖେଳାଳି, ଦର୍ଶକ ଓ ଆୟୋଜକଙ୍କୁ ପରାମର୍ଶ ଦେଇଥିଲେ।

ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଦଳଗୁଡ଼ିକୁ ନେଇ ଲିଗ୍ ପର୍ଯ୍ୟାୟରେ ମ୍ୟାଚ୍ ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ମ୍ୟାଚ୍ ଆୟୋଜକ ପ୍ରଗତି କ୍ଲବ ଓ ଭୂମିକା ହସ୍ପିଟାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ଭୂମିକା ହସ୍ପିଟାଲ ୨-୦ ସେଟ୍‌ରେ ପ୍ରତିପକ୍ଷ ପ୍ରଗତି କ୍ଲବକୁ ହରାଇ ଅଗ୍ରଣୀ ଲାଭ କରିଥିବାବେଳେ ଟୁର୍ନାମେଣ୍ଟର ପରବର୍ତ୍ତୀ ମ୍ୟାଚ୍‌ରେ ସୂର୍ଯ୍ୟଶିଖା ଭଲି ଦଳ ପ୍ରତିପକ୍ଷ ବାଲେଶ୍ୱର ସ୍ପୋର୍ଟ୍ସ କ୍ଲବକୁ ୨-୧ ସେଟ୍‌ରେ, ନେହେରୁ ଷ୍ଟାଡିୟମ ଦଳ ପ୍ରତିପକ୍ଷ ପ୍ରଗତି କ୍ଲବକୁ ୨-୦ ସେଟ୍‌ରେ ହରାଇ ଅଗ୍ରଣୀ ଲାଭ କରିଛି। ଏଠାରେ ଆୟୋଜିତ ଖେଳକୁ ଅଫିସିଆଲ ଭାବରେ ଅଭ୍ରାଂଶୁ ମହାନ୍ତି, ମନୋରଞ୍ଜନ ପଣ୍ଡା, ସୌମ୍ୟରଞ୍ଜନ ନାୟକ, ଜିତେନ୍ଦ୍ରନାଥ ପଣ୍ଡା, ସୁବ୍ରତ କର, ଆଶୀର୍ବାଦ ସାହାଣୀ, ଅମରେନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରୁଛନ୍ତି। ସମୀର ନାୟକ ଭାଷ୍ୟକାର ଭାବରେ ଦାୟିତ୍ୱ ସମ୍ପାଦନ କରିଥିବାବେଳେ ଭରତ ଚନ୍ଦ୍ର ନାୟକ ଓ ପ୍ରଗତି କ୍ଲବର ସମସ୍ତ କାର୍ଯ୍ୟକର୍ତ୍ତା, ସଦସ୍ୟ ଖେଳ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଲକ୍ଷ୍ମୀ ବାପଘରୁ ଆଣିଥିବା ବ୍ୟଞ୍ଜନ ଶ୍ରୀଜୀଉଙ୍କୁ ଅର୍ପଣ

**ଶ୍ରୀବଳଦେବଜୀଉ ମନ୍ଦିରରେ ମକର ସଂକ୍ରାନ୍ତିରେ ଭିଡ଼**

କେନ୍ଦ୍ରାପଡ଼ା, ୧୪।୧ (ଜଗନ୍ନାଥ ଧଳ)

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ମକର ସଂକ୍ରାନ୍ତି ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିସହ ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ଦେବଦେବୀ ପୀଠରେ ମକର ଚାଉଳ ଓ ପୋଡ଼ପିଠା ଭୋଗ ଲାଗି ହୋଇ ବଣ୍ଟନ ହୋଇଛି। ସେହିପରି କେତେଗୋଟି ଧାର୍ମିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ସନ୍ଧ୍ୟାରେ ଶ୍ରୀଜୀଉ ମନ୍ଦିରର ସ୍ୱତନ୍ତ୍ର ନୀତି ନବାଙ୍କ ବେଢ଼ା ପରିକ୍ରମା ଅନୁଷ୍ଠିତ ହୋଇଥିଲା। ମା' ଲକ୍ଷ୍ମୀ ବାପ ଘରୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ଅବସରରେ ୫ ଥର ବେଢ଼ା ପରିକ୍ରମା କରିଥିଲେ। ମକର ସଂକ୍ରାନ୍ତି ଅବସରରେ ଅବଶିଷ୍ଟ ୪ଥର ବେଢ଼ା ପରିକ୍ରମା ସହ ବାପ ଘରୁ ଆସିଥିବା ବ୍ୟଞ୍ଜନ ଶ୍ରୀଜୀଉଙ୍କୁ ଅର୍ପଣ କରିଥିଲେ। ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କ ପହଡ଼ ଫିଟାଯାଇ ମଙ୍ଗଳ ଆଳତି ହୋଇଥିଲା। ନୀତିସ୍ନାନ ପରେ ଗୋପାଳବଲ୍ଲଭ ଓ ପୂର୍ବାହ୍ନ ୯ଟାରେ ଖେଚୁଡ଼ି ଧୂପ ଲାଗି ହୋଇଥିଲା। ଅପରାହ୍ନରେ ନିଶଙ୍କୁଡି ମକର ଚଉରାଅଶୀ ଭୋଗ ଓ ସନ୍ଧ୍ୟାରେ ୮୪ ପ୍ରକାର ଶଙ୍କୁଡି ଭୋଗ ଅର୍ପଣ କରାଯାଇଥିଲା। ମକର ସଂକ୍ରାନ୍ତି ଉତ୍ସବ ପାଇଁ ପ୍ରତ୍ୟୁଷରୁ ରାତ୍ର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ରଥଦାଣ୍ଡରେ ଏହି ସମୟରେ ୨୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



ବଳଦେବଜୀଉ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।



ଶ୍ରୀଗୋପୀନାଥ ଜୀଉଙ୍କୁ ୬୪ବ୍ୟଞ୍ଜନ ଲାଗି ହୋଇଛି।

**ଶ୍ରୀଦଧିବାମନଜୀଉଙ୍କୁ ଦର୍ଶନ କଲେ ବହୁ ଶ୍ରଦ୍ଧାଳୁ**

କେନ୍ଦ୍ରାପଡ଼ା ବ୍ଲକ ଚଉଦକୁଲାଟସ୍ଥ ତମାଳ କ୍ଷେତ୍ରାଧିପତି ଶ୍ରୀଦଧିବାମନଜୀଉଙ୍କର ମକର ସଂକ୍ରାନ୍ତି ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀଉଙ୍କ ଦର୍ଶନ ପାଇ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କ ପ୍ରାତସ୍ନାନ, ମଙ୍ଗଳ ଆଳତି, ଅବକାଶ, ମଇଲମ, ସୂର୍ଯ୍ୟପୂଜା ପରେ ପ୍ରଥମ ପ୍ରହର ଭୋଗ ଲାଗି ହୋଇଥିଲା। ପୂର୍ବାହ୍ନ ୧୦ଟାରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ବିଜେ କରାଯାଇ ମକର ପରିକ୍ରମା ହୋଇଥିଲା। ଶ୍ରୀଜୀଉଙ୍କ ଏହି ସ୍ୱତନ୍ତ୍ର ନୀତି ସମ୍ପର୍କରେ ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି, ସୂର୍ଯ୍ୟପୁତ୍ର ଶନିଦେବ ନିଜ ପିତାଙ୍କ ଉପରେ କୌଣସି କାରଣରୁ କ୍ରୋଧାନ୍ୱିତ ହୋଇଥିଲେ। କ୍ରୋଧ ଶାନ୍ତ କରିବା ଉଦ୍ଦେଶ୍ୟରେ ସୂର୍ଯ୍ୟ ଦେବତା ଆଜିର ତିଥିରେ ଶନିଙ୍କ ଗୃହକୁ ପ୍ରବେଶ କରିଥିଲେ। ସେହିପରି ମହାଭାରତ ଯୁଦ୍ଧର ମହାନ ଯୋଦ୍ଧା ପିତାମହ ଭୀଷ୍ମ ଶର ଶଯ୍ୟାରେ ଥାଇ ନିଜର ଦେହ ତ୍ୟାଗ ପାଇଁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତିକୁ ଅପେକ୍ଷା କରିଥିଲେ। ଏହି ତିଥିରେ ସୂର୍ଯ୍ୟଙ୍କ ଉତ୍ତରାୟଣ ହୋଇଥିଲା। ଋତୁ ଓ ଦିନରାତିର ସମୟ ପରିବର୍ତ୍ତନ ହେଉଥିବାରୁ ସନାତନ ଧର୍ମୀଙ୍କ ପାଇଁ ଏହା ମହାନ ଦିନ ଅଟେ। ଶ୍ରୀଜୀଉଙ୍କ ଭୋଗ ସମ୍ପର୍କରେ ସେବାୟତ ମିଶ୍ର କହିଛନ୍ତି, ଏହି ପର୍ବ କୃଷିଭିତ୍ତିକ। ଅମଳ ସରିଥିବା ଧାନରୁ ନୂତନ ଚାଉଳ, ନୂତନ ଗୁଡ଼, ଘିଅ, କ୍ଷୀର ଓ ଛେନାରେ ମକର ଚାଉଳ ପ୍ରସ୍ତୁତ କରାଯାଇ ଶ୍ରୀଜୀଉଙ୍କୁ ଅର୍ପଣ କରାଯାଏ। ଏଥିସହ ରାଜଭୋଗ ଭାବେ ପୋଡ଼ ପିଠା ହୁଏ। ଏହି ଭୋଗ ପାଇଁ ବହୁ ଶ୍ରଦ୍ଧାଳୁ ଅପେକ୍ଷା କରିଥାନ୍ତି।

**୬୪ ବ୍ୟଞ୍ଜନରେ ଆପ୍ୟାୟିତ ହେଲେ ଶ୍ରୀଗୋପୀନାଥଜୀଉ**

ଚଉଦକୁଲାଟସ୍ଥ ପରମ ଆରାଧ୍ୟ ଶ୍ରୀଗୋପୀନାଥଜୀଉଙ୍କ ପୀଠରେ ମକର ସଂକ୍ରାନ୍ତି ଅବସରରେ ୬୪ ପ୍ରକାର ବ୍ୟଞ୍ଜନ ମଙ୍ଗଳବାର ଲାଗି ହୋଇଛି। ଏହି ପର୍ବରେ ସାମିଲ ହେବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ମନ୍ଦିରର ପ୍ରଥା ଅନୁଯାୟୀ ପ୍ରତ୍ୟୁଷରୁ ମନ୍ଦିର ଶୋଧ ହୋଇଥିଲା। ନୀତିସ୍ନାନ ସହ ମଙ୍ଗଳ ଆଳତି ସମ୍ପୂର୍ଣ୍ଣ ପରେ ନିକଟସ୍ଥ ଶ୍ରୀରାଧାକାନ୍ତ ମନ୍ଦିରରୁ ଶ୍ରୀଗୋପୀନାଥଙ୍କ ଝିଅ ଓ ଜ୍ୱାଇଁ ରାଧାକୃଷ୍ଣଙ୍କୁ ଏକ ବିମାନ ଯୋଗେ ଅଣାଯାଇଥିଲା। ମନ୍ଦିରରେ ଭେଟଭାଟ ପରେ ବ୍ୟଞ୍ଜନ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଅନ୍ନ, ମହୁର, ଶାକର, ଖିରି, ପୁରୀ, ମାଲପୁଆ ସହ ମିଷ୍ଟାନ୍ନ ଏଥିରେ ସାମିଲ ହୋଇଥିଲା। ଏହି ଅବସରରେ ମନ୍ଦିର ବେଢ଼ାରେ ଭଜନ, କୀର୍ତ୍ତନ ଆଦି ଆଧ୍ୟାତ୍ମିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ସେବାୟତ ଓ ଟ୍ରଷ୍ଟିମାନେ ଏହାକୁ ପରିଚାଳନା କରିଥିଲେ।

# ୮ ଅଭିଯୁକ୍ତ କୋର୍ଟଚାଲାଣ

**ମତ୍ସ୍ୟଜୀବୀଙ୍କୁ ଖସାଇନେବା ଘଟଣା**

ରାଜନଗର, ୧୪।୧ (ଭାସ୍କର ରାଉତରାୟ)

ଗଭୀର ସମୁଦ୍ରରେ ବନ ବିଭାଗ ପାଟ୍ରୋଲିଂ ଟିମ୍‌କୁ ଟ୍ରଲରଗୁଡ଼ିକ ଏକାଠି ହୋଇ ଆକ୍ରମଣ କରି ୮ ମତ୍ସ୍ୟଜୀବୀଙ୍କୁ ନେଇଯାଇଥିଲେ। ସୋମବାର ଚାନ୍ଦି ତାରିଣୀ-୩ ଟ୍ରଲରର ମାଲିକ ଅବିନାଶ ନାୟକଙ୍କୁ ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ଗିରଫ କରିଥିଲା। ରବିବାର ବନ ବିଭାଗ ହାତରୁ ଖସି ଯାଇଥିବା ୮ ମତ୍ସ୍ୟଜୀବୀଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

ତାଳଚୁଆ ଥାନା ଆଇଆଇସି ସସ୍ମିତା ସାହୁଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ଅନିଲ କୁମାର ମହାପାତ୍ର ଓ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଠାକରା ମଲିକ, ମାଧବାନନ୍ଦ ମଲିକ, ମହତା ମଲିକ, ମନୋଜ ମଲିକ, ବୁଗା ମଲିକ, ଅଭୟ ମଲିକ, ଶ୍ୟାମ ମଲିକ, ମହନ୍ତ ମଲିକଙ୍କୁ ଗିରଫ କରିଥିଲା। ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ଅଭିଯୋଗ ମୁତାବକ, ତାଳଚୁଆ ସାମୁଦ୍ରିକ ଥାନାରେ ଭାରତୀୟ ନ୍ୟାୟ ସଂହିତା ୨୮୨, ୨୬୨, ୧୩୨, ୩୫୧(୩), ୩(୫) ଦଫାରେ ମାମଲା ରୁଜୁ ହୋଇଛି। ବନ ବିଭାଗ ପାଟ୍ରୋଲିଂ ଟ୍ରଲରକୁ ଆକ୍ରମଣ ଘଟଣାରେ ମାଲିକଙ୍କୁ ଗିରଫ କରାଯିବା ପ୍ରଥମ ବୋଲି କୁହାଯାଉଛି। ମାଲିକମାନେ ଭିଏଚ୍‌ଏଫ୍ ମାଧ୍ୟମରେ ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନଙ୍କୁ ଖବର ଦେଉଛନ୍ତି। ଅନ୍ୟପକ୍ଷେ ବନ ବିଭାଗ ପାଟ୍ରୋଲିଂ ଟିମ୍‌କୁ ଆକ୍ରମଣ କରିଥିବା ୫ଟି ଟ୍ରଲରକୁ ଧରିବାକୁ ବନ ବିଭାଗ ପାଟ୍ରୋଲିଂକୁ ଜୋରଦାର କରିଛି। ପୋଲିସ ଜଳପଥରେ ପାଟ୍ରୋଲିଂକୁ ଜୋରଦାର କରିଛି।

ରବିବାର ବନ ବିଭାଗ ପାଟ୍ରୋଲିଂ ଟିମ୍ ଗଭୀର ସମୁଦ୍ରରେ ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କୁ ସୁରକ୍ଷା ଦେବା ପାଇଁ ପାଟ୍ରୋଲିଂ କରୁଥିବା ବେଳେ କୂଳରୁ ୭ କି.ମି. ଦୂରରେ ଚାନ୍ଦି ତାରିଣୀ-୩ ନାମକ ଟ୍ରଲର ବେଆଇନ ଭାବେ ମାଛ ମାରୁଥିବା ଦେଖିଥିଲେ। ଏହି ଟ୍ରଲରକୁ ଗୋଡ଼ାଇ ବନବିଭାଗ ପାଟ୍ରୋଲିଂ ଟିମ୍ ଧରିବା ପରେ ସେହି ସମୟରେ ସେଠାରେ ଅନ୍ୟ ୫ଟି ଟ୍ରଲର ପହଞ୍ଚି ବନ ବିଭାଗ ପାଟ୍ରୋଲିଂ ବୋଟକୁ ବୁଡ଼ାଇ ଦେବା ପାଇଁ ଯୋଜନା କରିଥିଲେ। ବନ ବିଭାଗ ଜବତ କରିଥିବା ଟ୍ରଲରରୁ ଗିରଫ ୮ ମତ୍ସ୍ୟଜୀବୀଙ୍କୁ ଜୋର ଜବରଦସ୍ତ ଛଡ଼ାଇ ନେଇଥିଲେ। ଗଭୀର ସମୁଦ୍ରରେ ବନ ବିଭାଗ ଜୀବନ ବଞ୍ଚାଇବା ପାଇଁ ଫାଙ୍କା ଗୁଳିଚାଳନା କରିଥିଲା।

# ଜମିବାଡ଼ି ବିବାଦ: ସ୍ତ୍ରୀସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ





ରାଜକନିକା, ୧୪।୧ (ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)

ରାଜକନିକା ଥାନା ଅନ୍ତର୍ଗତ ଜାଗୁଲାଇପଡ଼ା ପଞ୍ଚାୟତ ମାଟିଆ ଗାଁରେ ମଙ୍ଗଳବାର ଜମିବାଡ଼ି ବିବାଦକୁ କେନ୍ଦ୍ରକରି ସ୍ତ୍ରୀ ଓ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ସୂଚନାଯୋଗ୍ୟ, ମାଟିଆ ଗାଁର ପ୍ରଦୀପ ନାୟକଙ୍କ ପୁଅ ସତ୍ୟବ୍ରତ ନାୟକ(୩୫) ଓ ବୋହୂ ନମିତା(୩୨)ଙ୍କୁ ସନ୍ଧ୍ୟାରେ ସଂଘବଦ୍ଧ ଭାବେ ସେହି ଗାଁର ୩ରୁ ୪ଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି।

ପ୍ରଦୀପ ନାୟକଙ୍କ ସ୍ତ୍ରୀ କାମିନୀ ୧୦।୭।୨୪ରେ ୩ ଡିସିମିଲ ଜମି ସୁବୁନୁ ନାୟକଙ୍କୁ ବିକ୍ରି କରିଥିଲେ। ଜମି ମାପଚୁପ ହେବା ବେଳେ ପ୍ରଦୀପଙ୍କ ଘର ୩ ଡିସିମିଲି ଭିତରେ ପଡିଥିଲା। ଏହାକୁ ନେଇ ଗାଁରେ ଅନେକଥର ପଞ୍ଚାୟତ ବସିଥିଲା। ହେଲେ କୌଣସି ନିର୍ଯ୍ୟାସ ମିଳି ନ ଥିଲା। ସେହି ଜମି ପାଇଁ ମଙ୍ଗଳବାର ପୋଲିସ ଯାଇ ଷ୍ଟାଟସକୋ ଜାରି କରିଥିଲା। ସତ୍ୟବ୍ରତଙ୍କ ମଙ୍ଗଳବାର ଦୋକାନ ଖାତାପୂଜା ଥିବାରୁ ଦୋକାନରେ ବସିଥିଲେ। ହଠାତ୍ ସୁବୁନୁ ନାୟକ ଓ ଲାଲା ନାୟକ ଦୋକାନ ଭିତରେ ପଶି ଭୁଜାଲିରେ ସତ୍ୟବ୍ରତଙ୍କୁ ହାଣିଥିଲେ। ଏହା ଦେଖି ତାଙ୍କ ସ୍ତ୍ରୀ ନମିତା ସ୍ୱାମୀଙ୍କୁ ବଞ୍ଚାଇବାକୁ ଉଦ୍ୟମ କରୁଥିବାବେଳେ ତାଙ୍କର ଦୁଇ ହାତର ଆଙ୍ଗୁଠି କଟିଯାଇଛି। ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ୨ ଜଣଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ ପ୍ରଦୀପ ନାୟକଙ୍କ ଏତଲାକ୍ରମେ ନଂ.୨୪/୨୫, ସୁବୁନୁଙ୍କ ଶାଶୁ ନିରୁପମା ମହାନ୍ତିଙ୍କ ଏତଲାକ୍ରମେ ନଂ. ୨୫/୨୫ରେ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଆଇଆଇସି ସଞ୍ଜୟ କୁମାର ମଲ୍ଲିକଙ୍କୁ ପଚାରିବାରୁ ଉଭୟପକ୍ଷଙ୍କ ଏତଲାକ୍ରମେ ୨ଟି ମାମଲା ରୁଜୁ ହୋଇଛି। ସୁବୁନୁ, ଲାଲାଙ୍କୁ ଗିରଫ କରାଯାଇଛି।

# ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା



ରାଜନଗର, ୧୪।୧ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜନଗର ବ୍ଲକର ତାଳଚୁଆଠାରେ ସରକାରୀ ଯୋଜନାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଳଚୁଆଠାରେ ଥିବା ମାଛଧରା ଜେଠୀ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଜଜ୍ ବିଶ୍ୱଜିତ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସରକାରୀ ଯୋଜନା କିପରି ଗରିବ ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ କହିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, ଏଡିଏମ୍ ନିଲୁ ମହାପାତ୍ର, ଜିଲା ଲିଗାଲ ସେବା ପ୍ରାଧିକରଣର ସମ୍ପାଦକ ସୁମିତ୍ରା ସାହୁ, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଏସିଏଫ୍ ମାନସ କୁମାର ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ତହସିଲଦାର ଅଜୟ କୁମାର ମହାନ୍ତି, ବିଡିଓ ଶୋଭନ ଶ୍ରୀତମ ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା ଓ ଅନ୍ୟାନ୍ୟ ସରକାରୀ ଯୋଜନା କିପରି ପ୍ରକୃତ ହିତାଧିକାରୀ ଓ ଗରିବ ଲୋକଙ୍କ ନିକଟରେ ପହଞ୍ଚିପାରିବ, ସେ ନେଇ କହିଥିଲେ। ଏଥିରେ ରଙ୍ଗଣୀର ସୁବାଷିନୀ କଳା, ସକୁଲି ଦଳାଇ, ଦୁର୍ଗାରାଣୀ ମାଇତି, ତାଳଚୁଆର କମଳା ପାଳ, ରିଙ୍ଗି ମଣ୍ଡଳ, ଦିଲୀପ ଜେନାଙ୍କ ଭତ୍ତା ମଞ୍ଜୁର କରାଯିବା ସହିତ ସେମାନଙ୍କୁ ସଙ୍ଗେ ସଙ୍ଗେ ଭତ୍ତା ବାବଦ ଅର୍ଥ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଗୁଲସନ ବିବି, ସୁଶିଳା ମଣ୍ଡଳ, ରାଜେନ୍ଦ୍ର ବେହେରା, ରିନି ମାଇତି, ମାନସୀ ଜେନା, ବାବୁଲାଲ ମାଇତି, ପପୁ ବେରା ପ୍ରମୁଖଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଆଳି ଫୁଟବଲ ଏକାଡେମୀ ସ୍ଥାନାନ୍ତର ଲାଗି ଦାବି



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଆଳି, ୧୪।୧ (ବନମାଳୀ ସେନାପତି)

ଫୁଟବଲର ଅନ୍ତୁଡ଼ିଶାଳ ଭାବେ ପରିଚିତ କେନ୍ଦ୍ରାପଡ଼ା ଜିଲା ଆଳି ହାଇସ୍କୁଲ ମିନି ଷ୍ଟାଡିୟମକୁ ଫୁଟବଲ ଏକାଡେମୀ କରିବା ନିମନ୍ତେ ପୂର୍ବ ସରକାର ଅର୍ଥ ଯୋଗାଇ ଦେବା ପରେ ଏକାଡେମୀ କାର୍ଯ୍ୟ ଚାଲୁ ରହିଛି। କିନ୍ତୁ ଏକାଡେମୀ କରିବା ଦ୍ୱାରା ଏହି ମିନିଷ୍ଟାଡିଅମ ନିଜର ଗୌରବ ହରାଇ ବସିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଆଳି କ୍ରୀଡା ବିକାଶ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। କ୍ରୀଡା ବିକାଶ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଦୀର୍ଘ ୫୦ ବର୍ଷ ହେବ ଏହି ପଡ଼ିଆରେ ଫୁଟବଲ, କ୍ରିକେଟ, ଭଲି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଥିବା ବେଳେ ଆଳିବାସୀ ଏହାକୁ ଉପଭୋଗ କରୁଥିଲେ। ଏହି ଷ୍ଟାଡିୟମରେ ଫୁଟବଲ ପ୍ରାକ୍ଟିସ କରି ଅନେକ ମହିଳା ଖେଳାଳି ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ନିଜର ଦକ୍ଷତା ଦେଖାଇ ଆଳି ପାଇଁ ଗର୍ବ ପାଲଟିଛନ୍ତି। କିନ୍ତୁ ଏକାଡେମୀ ଘୋଷଣା ପରେ ଏକାଡେମୀ କାର୍ଯ୍ୟ ଯୋଗୁ ଏବେ ସବୁକିଛି ବନ୍ଦ ହୋଇଯାଇଛି। ଫଳରେ ଫୁଟବଲ ପ୍ରାକ୍ଟିସ ବନ୍ଦ ହେବା ସହ ଚଳିତବର୍ଷ ସମସ୍ତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଧ୍ୟ ବନ୍ଦ ହୋଇଯାଇଛି। ଏହି ଷ୍ଟାଡିୟମର ସୁରକ୍ଷାକୁ ଦୃଷ୍ଟିରେ ରଖି ଏକାଡେମୀ କାର୍ଯ୍ୟ ଯେଉଁ ସ୍ଥାନରେ ହେଉଛି ତାହାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ। ନଚେତ ଷ୍ଟାଡିୟମର କୌଣସି ଏକ ସାଇଟରେ ନିର୍ମାଣ କରାଯାଇ ପୂର୍ବଭଳି ସମସ୍ତ କ୍ରୀଡ଼ାକୁ ସୁଯୋଗ ଦେବାକୁ ଦାବି ହୋଇଛି। ଯଦି ସେମାନଙ୍କ ଦାବି ବିଚାରକୁ ନ ନିଆଯାଇ ନିର୍ମାଣ କାର୍ଯ୍ୟ ଜାରି ରହେ ତେବେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ବାଧ୍ୟ ହେବେ ବୋଲି ଆଳି କ୍ରିକେଟ ଆସୋସିଏଶନ କ୍ଲବ ସଦସ୍ୟ ବୈଦନାଥ ମହାନ୍ତି, ରସିଦ ଖାନ, ମହେନ୍ଦ୍ର ଦଳାଇ, ଆଳି କ୍ରୀଡ଼ା ବିକାଶ ପରିଷଦ ସଦସ୍ୟ ବରାହ ପଣ୍ଡା, ତପନ ପରିଡା, ଧୀରେନ୍ଦ୍ର ସାମଲ, ଆଳି ନାଗରିକ ମଞ୍ଚର ସହଦେବ ସିଂହ, ଆଳି ହାଇସ୍କୁଲ ପୁରାତନ ଛାତ୍ର ଅନନ୍ତ ରଥ, ପୁରାତନ ଫୁଟବଲ ଖେଳାଳି ଗୟାଧର ପାତ୍ର, ଗଦାଧର ମଲ୍ଲିକ ପ୍ରମୁଖ ପ୍ରକାଶ କରିଛନ୍ତି।

# ପାଇକା ନଦୀପଠାରେ ବିଲେଇଶୁଣି ମକର ମେଳା

ପାଟକୁରା, ୧୪।୧ (ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ମିଳନସ୍ଥଳ ଗରଦପୁର ବ୍ଲକ ପାଇକା ନଦୀପଠା ପଳସୁଦାଠାରେ ଐତିହାସିକ ୬୧ତମ ବିଲେଇଶୁଣି ମକର ମେଳା ଉଦ୍‌ଘାଟିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ପାଇକା ନଦୀରୁ କଳସ ଆସି ମଣ୍ଡପରେ ପତାକା ପୋତା ହେବା ପରେ ନିକଟରେ ଥିବା ବିଲେଇଶୁଣି ଠାକୁରାଣୀ ନିକଟରେ ଘଟ ସ୍ଥାପନା ପରେ ମକର ମଣ୍ଡପ ନିକଟରେ ଥିବା ବଜ୍ରମହାକାଳୀ ଠାକୁରାଣୀଙ୍କ ପାଖରେ କଳସ ସ୍ଥାପନା ପରେ ୩ଦିନ ଧରି ଆରମ୍ଭ ହେବାକୁ ଥିବା ଯଜ୍ଞ ପାଇ ଅଙ୍କୁରାରୋପଣ ହୋଇଥିଲା। ତେବେ ଏହି ମକର ମେଳା ୭ ଦିନ ଧରି ଚାଲିବ। ପ୍ରତେକ ଦିନ ଓ ରାତ୍ରି ଅପେରା ଅନୁଷ୍ଠିତ ହେବ। ଏହି ମେଳା ଆରମ୍ଭ ନେଇ ବ୍ୟବସାୟୀମାନେ ନିଜର ପସରା ମେଳାଇଥିବା ବେଳେ ରାଜ୍ୟରୁ ବିଭିନ୍ନ ଜିଲାରୁ ଜନସାଧାରଣ ଆସିବାରେ ଲାଗିଛନ୍ତି। ଏହି କାର୍ଯକ୍ରମକୁ ସ୍ଥାନୀୟ ଜଗତ୍‌ସିଂହପୁର ଜିଲାର କନିମୂଳ ସମେତ କେନ୍ଦ୍ରାପଡ଼ା ଜିଲାର ତେଣ୍ଡିକୁଡା, ପଳସୁଧା, ବନ୍ତଳା, ତଳକୁସମା ପଞ୍ଚାୟତର ପ୍ରାୟ ୬୧ ଗ୍ରାମର ଅଧିବାସୀ ସହଯୋଗ କରୁଛନ୍ତି। ବଜ୍ରମହାକାଳୀ ସାଂସ୍କୃତିକ ପରିଷଦର ସଭାପତି ବସନ୍ତ କୁମାର ସାହୁ, ପୂର୍ବତନ ସରପଞ୍ଚ ଅନୁଜ ମହାନ୍ତି, ସାମାଜିକ କର୍ମୀ ପ୍ରଫୁଲ ସିହ, ରବୀନ୍ଦ୍ର ମହାପାତ୍ରଙ୍କ ସମେତ ପରିଷଦର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

# ରାଜନଗରର ୮ ୱାର୍ଡସଭ୍ୟ ଭାଜପାରେ ସାମିଲ

ରାଜନଗର, ୧୪।୧ (ଭାସ୍କର ରାଉତରାୟ)



ରାଜନଗର ପଞ୍ଚାୟତ ୮ଜଣ ୱାର୍ଡ ସଭ୍ୟାସଭ୍ୟ ମଙ୍ଗଳବାର ଭାଜପାରେ ସାମିଲ ହୋଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶ, ଡବଲ ଇଞ୍ଜିନ ସରକାରଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ଉନ୍ନତୀମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା ସେମାନେ କହିଛନ୍ତି। ଭୁବନେଶ୍ୱରଠାରେ ରାଜନଗର ନିର୍ବାଚନମଣ୍ଡଳୀର ଭାଜପା ନେତା ଲଳିତ କୁମାର ବେହେରାଙ୍କ ନେତୃତ୍ୱରେ ୱାର୍ଡସଭ୍ୟ ଭିକାରୀ ଚରଣ ବଳ, ନିତ୍ୟାନନ୍ଦ ସେଠୀ, ପର୍ଶୁରାମ ଦାସ, ବନମାଳା ମଲିକ, ହେମନ୍ତ କୁମାର ସେଠୀ, ଛଇଳା ସେଠୀ, ଶର୍ମିଷ୍ଠା ସାହୁ, ଡାଙ୍ଗୁ ସେଠୀ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ନେତା ବେହେରା ନୂତନ ଭାବେ ଯୋଗଦେଇଥିବା ୱାର୍ଡ ସଭ୍ୟାସଭ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରିଥିଲେ। ଏହି ମିଶ୍ରଣ ଦଳକୁ ମଜବୁତ କରିବ ବୋଲି କହିଥିଲେ। ୱାର୍ଡସଭ୍ୟ ସଭ୍ୟାମାନଙ୍କ ସହିତ ଧ୍ରୁବ ଚରଣ ଲେଙ୍କା, ଶରତ ମଲିକ, ଅର୍ଜୁନ ମଲିକ, ମାଳତୀ ସେଠୀ ପ୍ରମୁଖ ବଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି।

# ଫାଇନାଲରେ ୟୁନିକ କ୍ରିକେଟ ଏକାଡେମୀ ଭଦ୍ରକ

**ରାଜ୍ୟସ୍ତରୀୟ ୪୩ତମ ଚଞ୍ଚଳା ଟ୍ରଫି**

ରାଜନଗର, ୧୪।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକର ବଡ଼ପଲ୍ଲୀ ଚଞ୍ଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୩ତମ ଚଞ୍ଚଳା ଟ୍ରଫିର ପ୍ରଥମ ସେମିଫାଇନାଲରେ ଜଟଣୀ କ୍ରିକେଟ ଆସୋସିଏଶନକୁ ୧୦ ଉଇକେଟରେ ହରାଇ ୟୁନିକ କ୍ରିକେଟ ଏକାଡେମୀ ଭଦ୍ରକ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ଜଟଣୀ କ୍ରିକେଟ ଆସୋସିଏଶନ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରୁ ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ରନ କରିଥିଲା। ଭଦ୍ରକର ଲକ୍ଷ୍ମୀଧର ବେହେରା ୫ ଓଭର ବୋଲିଂ କରି ୨୬ ରନ ଦେଇ ୫ ଉଇକେଟ ନେଇଥିଲେ। ଜବାବରେ ୟୁନିକ କ୍ରିକେଟ ଏକାଡେମୀ ଭଦ୍ରକ ୧୩.୩ ଓଭରରେ ୧ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରି ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଥିଲା। ଜଟଣୀର ପ୍ରବଣୀ କୁମାର ୩ ଓଭର ବୋଲିଂ କରି ୧୭ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ଭଦ୍ରକର ଲକ୍ଷ୍ମୀଧରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ କୋଇଲିପୁର ପାକ୍ସର ପୂର୍ବତନ ସମ୍ପାଦକ ଘନ୍ୟଶାମ ଜେନା, ସମ୍ମାନିତ ଅତିଥି ଭାବେ କୋଇଲିପୁର ପାକ୍ସର ସଭାପତି ନୃସିଂହ ସାହୁ ଯୋଗଦେଇଥିଲେ।

# ପୁଣି ରାଜକନିକାରେ ଆର୍ଥ ବର୍ମିଂକୁ ବିରୋଧ

ରାଜକନିକା, ୧୪।୧ (ସଞ୍ଜୟ କୁମାର ଦାଶ)

ତୈଳ ସନ୍ଧାନ ପାଇଁ ସେଇମିକ ଟେଷ୍ଟ (ଆର୍ଥ ବର୍ମିଂ)କୁ ରାଜକନିକା ବ୍ଲକରେ ତୀବ୍ର ବିରୋଧ କରାଯାଇଛି। ସୋମବାର ବ୍ଲକର ତରାସ ଗାଁର କେତେଜଣ ଲୋକଙ୍କ ଘରବାରିରେ ବିସ୍ଫୋରଣ ପାଇଁ ତା'ର ବିଛେଇବାରୁ ଉତ୍ତେଜନା ପ୍ରକାଶ ପାଇଛି।

କିଛିଦିନ ହେବ ଏକ କମ୍ପାନୀ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ନଦୀ ଉପକୂଳ ଅଞ୍ଚଳରେ ତୈଳ ସନ୍ଧାନ ପାଇଁ ଆର୍ଥ ବର୍ମିଂ କରିବାରୁ ସାଧାରଣରେ ଏକ ଭୟାନକ ସ୍ଥିତି ସୃଷ୍ଟି ହୋଇଛି। ଏମିତିକି ଗତ ଦୁଇ ସପ୍ତାହ ପୂର୍ବରୁ ଗୁଆଳିଗାଁ ଅଞ୍ଚଳରେ ଆର୍ଥ ବର୍ମିଂ ଯୋଗୁ ଘର କାନ୍ଥ ଫାଟି ଥିଲା। କ୍ଷତିପୂରଣ ପାଇଁ ଲୋକେ କମ୍ପାନୀ ଗାଡ଼ି ଆଗରେ ଶୋଇ ପ୍ରତିବାଦ କରିଥିଲେ। ଏହା ଭିତରେ ପ୍ରଶାସନ ସହ କମ୍ପାନୀ ଆଲୋଚନା ପରେ ଏକ ସର୍ତ୍ତ ରଖାଯାଇଥିଲା। ସବୁ ନିୟମକୁ ଫାଙ୍କି କମ୍ପାନୀ ତରାସ ଅଞ୍ଚଳରେ ବଳପୂର୍ବକ ବର୍ମିଂ କରିବାକୁ ଉଦ୍ୟମ କରିବାରୁ ମଙ୍ଗଳବାର ଏକ ଆଲୋଚନା ହୋଇଥିଲା। କମ୍ପାନୀ ମୋଟିଭେଟର ରାକେଶ ବେହେରା ଓ ଅନ୍ୟ କର୍ମଚାରୀଙ୍କ ସହ ତରାସ ଦୋଳମଣ୍ଡପ ପଡ଼ିଆରେ ଅନୁଷ୍ଠିତ ଆଲୋଚନାରେ ପୂରା ସର୍ତ୍ତ ମାନି ଜନବସତିଠାରୁ ଅନ୍ୟୂନ ୩୫୦ ମିଟର ଦୂରରେ ଏବଂ ବିସ୍ଫୋରକର ପରିମାଣ ସର୍ବୋଚ୍ଚ ଦେଢ଼ କେଜି ଭିତରେ ସୀମିତ ରଖିବାକୁ କୁହାଯାଇଛି। ପ୍ରଶାସନର ଛକାପଞ୍ଝା ଭିତରେ ପ୍ରକାଶିତ ଚିଠିକୁ ନେଇ ନାନା ଦ୍ୱନ୍ଦ୍ୱ ରହିଥିବା ବେଳେ କାଳିପ୍ରସାଦ ନାୟକ, ଶୁଭ୍ରଜିତ ବିଶ୍ୱାଳ, ସାମନ୍ତ ନାୟକ, ସୁଶାନ୍ତ ବାରିକ, ବିପିନ ଦଳାଇ, ମାରୁଣି ଚରଣ ନାୟକ, ଦେବଜ୍ୟୋତି ଜେନା, ବିକାଶ ଦଳାଇ, ସନ୍ଦୀପ ରାଉତ, ଆକାଶ ଦଳାଇ, ଦୋଳଗୋବିନ୍ଦ ମଲ୍ଲିକ, ରଞ୍ଜିତ କରଣ, ବିଶ୍ୱଜିତ ବିଶ୍ୱାଳ, ନୀଳମଣି ନାୟକ ଓ ଅଞ୍ଜନ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜନସାଧାରଣଙ୍କ ସ୍ୱାର୍ଥ ଓ ସୁରକ୍ଷା ନେଇ ବିବିଧ ଦାବି ଉଠାଇଥିଲେ। ଆଲୋଚନା ପରେ କମ୍ପାନୀ ପକ୍ଷରୁ କାମ ସ୍ଥଗିତ ରଖାଯାଇଛି।



# ମକର ପର୍ବରେ ଶବରଙ୍କ ସହ ଝୁମିଲେ ବିଧାୟକ

ମହାକାଳପଡ଼ା, ୧୪।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ପେଟଛେଲା ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଶବରପଲ୍ଲୀରେ ମକର ପର୍ବ ପାଳିତ ହୋଇଯାଇଛି। ଶବର ସମ୍ପ୍ରଦାୟର ଆବାଳ ବୃଦ୍ଧ ବନିତା ସଙ୍ଗୀତ ଗାନରେ ଝୁମି ଥିଲେ। ସ୍ଥାନୀୟ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଶବର ସମ୍ପ୍ରଦାୟର ମହିଳାପୁରୁଷଙ୍କ ସହ ହାତ ଧରା ଧରି ହୋଇ ନାଚି ଥିଲେ। ଘରେ ଘରେ ନୂଆ ବସ୍ତ୍ର ପରିଧାନ କରି ପିଠା ପଣା ଓ ବିଭିନ୍ନ ବ୍ୟଞ୍ଜନ ଆଦି ପ୍ରସ୍ତୁତ କରି ଭୂରି ଭୋଜନ କରିଥାନ୍ତି। ପରେ ଗାଁମୁଣ୍ଡ ବରଗଛ ମୂଳରେ ମାରଙ୍ଗ ବୁରୁଙ୍କୁ ପୂଜାର୍ଚ୍ଚନା କରିବା ସହ ବନଦୁର୍ଗା ଓ ସୀତଳା ଦେବୀଙ୍କ ମୃଣ୍ମୟୀ ପ୍ରତିମାଙ୍କ ପୀଠରେ କୁକୁଡ଼ା ମାଂସ ନୈବେଦ୍ୟ ଲାଗି କରିଥିଲେ। ଅପରାହ୍ନରେ ମା'ଙ୍କ ପୀଠ ସମ୍ମୁଖରେ ଶବର ସମ୍ପ୍ରଦାୟର ଲୋକ ସାମିଲ ହୋଇ ହାତକୁ ହାତ ଛନ୍ଦା ଛନ୍ଦି ହୋଇ ସଙ୍ଗୀତ ଗାନରେ ଝୁମି ଥିଲେ। ଅପରପକ୍ଷରେ ଏହି ସମ୍ପ୍ରଦାୟର ବହୁ ଗରିବ ଓ ଆଦିବାସୀ ଶବରମାନେ ନିଜର ଜମି ଜମା ନ ଥିଲେ ମଧ୍ୟ ବର୍ଷକରେ ମୁଖ୍ୟ ପର୍ବ ମକର ପର୍ବକୁ ଧୁମ୍‌ଧାମରେ ପାଳନ କରନ୍ତି। ମଙ୍ଗଳବାର ସନ୍ଧ୍ୟାରେ ମକର ପର୍ବରେ ସ୍ଥାନୀୟ ବିଧାୟକ ନାୟକ ଯୋଗଦେଇ ମା'ଙ୍କ ପୀଠରେ ପହଞ୍ଚି ଆଶିଷ ଭିକ୍ଷା କରିଥିଲେ। ପରେ ଆଦିବାସୀ ସାନ୍ତାଳୀ ଶବର ସମ୍ପ୍ରଦାୟର ମହିଳାପୁରୁଷଙ୍କ ସହ ବିଧାୟକ ନାୟକ ପାଦରେ ପାଦ ଛନ୍ଦି ହାତକୁ ହାତ ମିଳାଇ ନୃତ୍ୟ ସଙ୍ଗୀତରେ ଝୁମିବା ପ୍ରଥମ ଥର କରି ଦେଖିବାକୁ ମିଳିଥିଲା। ଏମାନଙ୍କର ସମସ୍ୟା ସମାଧାନ କରିବା ଉପରେ ଗ୍ରାମର ମୁରବୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ରାମଚଣ୍ଡୀପଡ଼ା ଆଦି ଅଞ୍ଚଳରେ ଆଦିବାସୀ ସାନ୍ତାଳୀ ପଡ଼ା ବିଧାୟକ ନାୟକ ଯୋଗ ଦେଇଥିଲେ। ଉପସ୍ଥିତ ଥିବା ଗ୍ରାମର ମୁରବୀ ଅନନ୍ତ ମଲିକ, ରମେଶ ଭକ୍ତାଙ୍କ ସମେତ ଶବରପଲ୍ଲୀ ଲୋକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଛୋଟରାୟ ମାଝୀ, ସରୋଜ କାନ୍ତ ସାହୁ, ପ୍ରଶାନ୍ତ କୁମାର ସେଠୀ, ବଣ୍ଟି ଦେବନାଥ, ସୁକାନ୍ତ ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ, ତରୁଣକାନ୍ତି କାଞ୍ଜିଲାଲ୍, ଚନ୍ଦ୍ରକାନ୍ତ ସ୍ୱାଇଁ, ପବିତ୍ର ଚୌଧୁରୀ, ରଶ୍ମୀ ରଞ୍ଜନ ସାମଲ, ସଞ୍ଜୟ ଦଳାଇ, ଜଗନ୍ନାଥ ଦଳାଇ, ଚିତ୍ତ ରଞ୍ଜନ ପ୍ରଧାନ, ପ୍ରକାଶ ପ୍ରଧାନ, ପ୍ରତାପ ପାଇକରାୟ, କ୍ଷିପ୍ରପଦ ମଣ୍ଡଳଙ୍କ ସମେତ ବହୁସଂଖ୍ୟାରେ ଯୁବଗୋଷ୍ଠୀ, ବରିଷ୍ଠ ମୁରବୀଙ୍କ ସମେତ ମହିଳାମାନେ ଉପସ୍ଥିତି ଥିଲେ।



ଶବରପଲ୍ଲୀରେ ମକର ପର୍ବରେ ବିଧାୟକ ଶବରମାନଙ୍କ ସହ ନୃତ୍ୟ କରୁଛନ୍ତି।

# ଇରା ମହାନ୍ତିଙ୍କ ସଙ୍ଗୀତରେ ମଜା ଉଠାଇଲେ ଦର୍ଶକ

## ଭାପୁର ମହୋତ୍ସବ ଉଦ୍‌ଯାପିତ


ଉଦ୍‌ଯାପନୀ ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ନୟାଗଡ଼/ଭାପୁର,୧୪।୧(ଲୋକନାଥ ମିଶ୍ର/ଭରତ କୁମାର ବେହେରା): ଭାପୁର ମହୋତ୍ସବ ପଡ଼ିଆରେ ୪ଦିନ ଧରି ଚାଲିଥିବା ମୋ ମାଟି ଭାପୁର ଅନୁଷ୍ଠାନ ତରଫରୁ ଭାପୁର ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଉଦଯାପିତ ହୋଇଯାଇଛି। ଉଦଯାପନ ଦିବସରେ କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କ ସଙ୍ଗୀତରେ ଦର୍ଶକମାନେ ମଜା ଉଠାଇଥିଲେ । ସେହିପରି କଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ, ବେତାର କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥ, ପ୍ରାଣକୃଷ୍ଣ ମହାରଣା , ସରୋଜ କୁମାର ମହାପାତ୍ରଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ପରେ ବନମାଳୀପୁର ପ୍ରଣାମ, ଭାପୁର ବନ୍ଦନା ନୃତ୍ୟ , ବୋଲଗଡ଼ର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ, ସମ୍ବଲପୁର ଦୁଲଦୁଲି , କଳାହାଣ୍ଡିର ଘୁମୁରା ନୃତ୍ୟ ଅନୁରୂପ ଭାବେ ମନ ମୋହି ଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହୋତ୍ସବ କମିଟି ତରଫରୁ ଭାପୁର ବ୍ଲକର ଖବରଦାତା, ବୁଦ୍ଧିଜୀବି, ସାମାଜିକ କର୍ମୀମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

ସନ୍ଧ୍ୟାରେ ମୋ ମାଟି ଭାପୁର ଅନୁଷ୍ଠାନର ସଭାପତି ତଥା ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନୟାଗଡ ବିଧାୟକ ଅରୁଣ କୁମାର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ବଡ଼ ଖବର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ, ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ,ପୂର୍ବତନ ଅଧ୍ୟକ୍ଷ ଶିବପ୍ରସାଦ ଷଡ଼ଙ୍ଗୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ବସନ୍ତ କୁମାର ମାଝୀ, ସନ୍ତୋଷ କୁମାର ତ୍ରିପାଠୀ, ମଧୁସୂଦନ ରଥ, ଭାପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ପ୍ରମୁଖ ଅତିଥି ରୂପେ ମଞ୍ଚାସୀନ ରହିଥିଲେ । ମଞ୍ଚ ସଞ୍ଚାଳନ କରିଥିଲେ ଅଂଶୁମାନ ଜେନା। ମହୋତ୍ସବ କମିଟି ତରଫରୁ ଫଗୁ ଖେଳି ନାଚି ଉଦଯାପିତ ଉତ୍ସବ ପାଳନ କରାଯାଇଥିଲା।

ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସନ୍ଥ ତଥା ପୀଠାଧିଶ୍ୱର ଶ୍ରୀ କ୍ଷେତ୍ର ବାଲ୍ମିକୀ ଧାମ, ଉଜ୍ଜୈନ ରାଜ୍ୟସଭା ସଦସ୍ୟ ଉମେଶ ନାଥ ମହାରାଜ ଜୀ ଯୋଗଦେଇ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାକୁ ଉଦଘାଟନ କରିଥିଲେ। କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ଚଳଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ଦର୍ଶକଙ୍କ ମନ ମୋହି ଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପ୍ରାଜ୍ଞ ପ୍ରବଚକ ସ୍ୱାମୀ ଆନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତାଙ୍କ ଗୀତରେ ଦର୍ଶକ ଝୁମିଥିଲେ। ତୃତୀୟ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ପରାମର୍ଶଦାତା ସନ୍ତୃପ ମିଶ୍ର, ସମ୍ମାନୀତ ଅତିଥି ଜଟଣୀର ପୂର୍ବତନ ବିଧାୟକ ସୁର ରାଉତରାୟ, ଖଣ୍ଡପଡ଼ା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ସ୍ତମ୍ଭକାର ପବିତ୍ର କୁମାର ସୁବୁଦ୍ଧି, ନୟାଗଡ଼ ଓରମାସ ସଂଯୋଜକ ନଟବର ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ । ସୁନାମଧନ୍ୟ କଣ୍ଠଶିଳ୍ପୀ ଶଶାଙ୍କ ଶେଖରଙ୍କ ସଙ୍ଗୀତ ଓ ପପୁ ପମପମଙ୍କ କମେଡି ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାରେ ବିଭିନ୍ନ ଷ୍ଟଲରେ ୪ ଦିନରେ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିଲା।

# ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୧୦ ବାଲି ବୋଝେଇ ହାଇୱା ଜବତ

ଖଣ୍ଡପଡ଼ା,୧୪।୧
(ଅଜୟ କୁମାର ମହାରଣା)

ବହୁଦିନ ଧରି କଣ୍ଟିଲୋ ସିଧାମୂଳା ଓ ବାଣପୁର ଗ୍ରାମପାର୍ଶ୍ୱ ଦେଇ ପ୍ରବାହିତ ମହାନଦୀରୁ ଶତାଧିକ ଟ୍ରିପ ବାଲି ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା । ସୋମବାର ରାତିରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କଣ୍ଟିଲୋକୁ ଆସି ଭୁବନେଶ୍ୱର ଫେରୁଥିବା ବେଳେ କଣ୍ଟିଲୋ-ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ବେଣାଗାଡିଆ ନିକଟ ବରକୋଳି ଛକରେ ହାଇୱାରେ ବାଲି ଚାଲାଣ ହେଉଥିବା ଦେଖିଥିଲେ । ଏହାପରେ ମନ୍ତ୍ରୀ ନିଜେ ଚୋରା ବାଲି ଚାଲାଣ କରୁଥିବା ହାଇୱା ଗାଡ଼ିଗୁଡିକୁ ଅଟକାଇବା ସହ ଏ ସମ୍ପର୍କରେ ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ, ଜିଲା ପ୍ରଶାସନ ଓ ଖଣ୍ଡପଡ଼ା ପୋଲିସକୁ ଜଣାଇଥିଲେ । ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀ, ଆଇଆଇସି ନିହାର ରଞ୍ଜନ ମହାନ୍ତି ଓ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ବିଳମ୍ବିତ ରାତିରେ ବରକୋଳି ଛକରେ ପହଞ୍ଚି ଚୋରାରେ ବାଲି ଚାଲାଣ କରୁଥିବା ହାଇୱାଗୁଡିକର କାଗଜପତ୍ର ଯାଞ୍ଚ କରିଥିଲେ । ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଜବତ ୧୦ ହାଇୱାକୁ ଖଣ୍ଡପଡ଼ା ପୋଲିସ ଜିମା ଦିଆଯାଇଛି। ଗାଡିଗୁଡିକ ଜରିମାନା ବାବଦରେ ଲକ୍ଷାଧିକ ଟଙ୍କା ଧାର୍ଯ୍ୟ କରାଯାଇଛି । ୪ ଗାଡ଼ିରୁ ପ୍ରାୟ ୧.୯୦ ଲକ୍ଷ ଟଙ୍କା ଜିଲା ପରିବହନ ବିଭାଗ ପକ୍ଷରୁ ଜରିମାନା ବାବଦରେ ଆଦାୟ କରାଯାଇଥିବା ତହସିଲଦାର ତ୍ରିପାଠୀ କହିଛନ୍ତି ।


ଜବତ ହୋଇଥିବା ବାଲି ବୋଝେଇ ହାଇୱା ।

# ଦଶପଲ୍ଲା କପ୍ ଫୁଟ୍‌ବଲ,ଶ୍ରୀନଗର ବିଜୟୀ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

ଦଶପଲ୍ଲା,୧୪।୧(ପ୍ରକାଶ କୁମାର ପାଣି): ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗ୍ରୁପ ବି ର ମଙ୍ଗଳବାର ପ୍ରଥମ ଦିନ ପ୍ରତିଯୋଗିତା ଏସ୍‌ଟିଏଫ୍‌ସି, ଶ୍ରୀନଗର, କାଶ୍ମୀର ଏବଂ ସ୍ପୋର୍ଟସ କ୍ଲବ କଳାହାଣ୍ଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଶ୍ରୀନଗର ଦଳ ୩ଟି ଗୋଲ ଦେଇଥିଲା। କଳାହାଣ୍ଡି ଟିମ୍‌କୌଣସି ଗୋଲ ପରିଶୋଧ କରିପାରି ନ ଥିଲା । ଶ୍ରୀନଗର ଦଳ ୩-୦ ଗୋଲରେ ବିଜୟ ଲାଭ କରିଥିଲା । ଖେଳ ପରିଚାଳନା କରିଥିଲେ ରେଫରୀ ରତ୍ନାକର ବାରିକ, ଲାଇନ୍ସରେ ଶ୍ୟାମସୁନ୍ଦର ସାହା, ପ୍ରସନ୍ନ କୁମାର ନାୟକ ଓ ଫୋର୍ଥ ଅଫିସିଆଲରେ ରବୀନ୍ଦ୍ର ନାଥ ନାୟକ ସହଯୋଗ କରିଥିଲେ। ଅତିଥି ଭାବେ ଅତିରିକ୍ତ ତହସିଲଦାର ଚନ୍ଦ୍ର ଶେଖର ବାରିକ ଯୋଗଦେଇଥିଲେ।

# ଶାଳଝରିଆ କ୍ରିକେଟ ଟିମ୍ ବିଜୟୀ

### ପ୍ରିୟାଂଶିଷ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଖଣ୍ଡପଡ଼ା,୧୪।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଶନିବାର ଠାରୁ ଆରମ୍ଭ ହୋଇଥିବା ପ୍ରିୟାଂଶିଷ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜିର ୪ର୍ଥ ଲିଗ୍ ମ୍ୟାଚରେ ଶାଳଝରିଆ କ୍ରିକେଟ୍ କ୍ଲବ୍ ସୁପର ଓଭରରେ ବୋଲଗଡ଼ କ୍ରିକେଟ୍ ଟିମକୁ ପରାସ୍ତ କରି ବିଜୟୀ ହୋଇଛି । ବୋଲଗଡ଼ ଦଳ ବ୍ୟାଟିଂ ଆରମ୍ଭ କରି ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଶାଳଝରିଆ ଟିମ୍ ୧୩.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୫ ରନ ସଂଗ୍ରହ କରି ଥିବାରୁ ଖେଳ ଅମିମାଂସିତ ରହିଥିଲା। ଫଳରେ ସୁପର ଓଭର ପଦ୍ଧତିରେ ପ୍ରଥମେ ବୋଲଗଡ଼ ଟିମ ୨ ଉଇକେଟ ହରାଇ ୧୨ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଶାଳଝରିଆ ଦଳ ୪ ବଲରେ ବିନା ଉଇକେଟ ହରାଇ ୧୩ ରନ ସଂଗ୍ରହ କରି ବିଜୟୀ ଘୋଷିତ ହୋଇଛି । ଶାଳଝରିଅଥ ଟିମର ସୂର୍ଯ୍ୟକାନ୍ତ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ସୂର୍ଯ୍ୟକାନ୍ତ ବେହେରା ଓ ବରୁଣ ରାଉଳ ଖେଳ ପରିଚାଳନା କରିଥିଲେ । ଆଲୋକ କୁମାର ରାଉତ ଓ ନିରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବାଘ ଆକ୍ରମଣରେ ୨ ଗୁରୁତର

## ବାଘ ଭୟରେ ଗାଁରେ ଟାଟି କବାଟ ପଡ଼ିଲା

ନୂଆଗାଁ,୧୪।୧(ଧନେଶ୍ୱର ସାହୁ):ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଗୁମି ସେକ୍ସନ ଅନ୍ତର୍ଗତ ଜାକେ ପଞ୍ଚାୟତର ୨ ଗ୍ରାମରେ ମଙ୍ଗଳବାର ବାଘ ଆତଙ୍କ ସୃଷ୍ଟି ହୋଇଛି । ୨ଜଣ ବ୍ୟକ୍ତି ବାଘ ଆକ୍ରମଣରେ ଗୁରୁତର ଆହତ ହେବା ପରେ ଗାଁରେ ଟାଟି କବାଟ ପଡ଼ିଛି । ଭୟରେ କେହି ପଦାକୁ ବାହାରୁ ନାହାନ୍ତି । ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

ସୂଚନା ଅନୁଯାୟୀ,ମହିପୁର ବନାଞ୍ଚଳ ଗୁମି ଫରେଷ୍ଟ ସେକ୍ସନ ଅଧୀନ ଯାକେଦା ପଞ୍ଚାୟତ କରଚୁଲି ଏବଂ ସୁଡୁଙ୍ଗୀ ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଏପରି ଘଟଣା ଘଟିଛି। ଜାକେ ପଞ୍ଚାୟତ କରଚୁଲି ଗ୍ରାମର ପ୍ରମୋଦ ଗୁରୁ ସବୁଦିନ ଭଳି ମଙ୍ଗଳବାର ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲେ। ଅପରାହ୍ନରେ ଗାଈ ନେଇ ଫେରିବା ବାଟରେ ଗ୍ରାମ ନିକଟରେ ଏକ ବାଘ ତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଭାବେ ଆହତ ହୋଇଥିବା ପ୍ରମୋଦଙ୍କୁ ପରିବାର ଲୋକ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେହିପରି ଜାକେ ପଞ୍ଚାୟତ ସୁଡୁଙ୍ଗି ଗ୍ରାମରେ ରାତି ପ୍ରାୟ ସାଢ଼େ ୮ଟା ସମୟରେ ସାଜୁ ନାୟକ ଘର ଆଗରେ ନିଆଁ ଜାଳି ବସିଥିବା ବେଳେ ତାଙ୍କୁ ଏକ ବାଘ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସରେ ମେଡିକାଲକୁ ନିଆଯାଉଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ଗୁମି ଫରେଷ୍ଟର ପବିତ୍ର କୁମାର ପରିଡ଼ାଙ୍କୁ ପଚାରିବାରେ ଆମେ ଖବର ପାଇ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛୁ । ପ୍ରାଥମିକ ତଦନ୍ତରୁ ଏହା କଲରାପତାରିଆ ବାଘ ବୋଲି ଅନୁମାନ କରାଯାଉଛି ବୋଲି ସେ କହିଛନ୍ତି ।

# ବିଦ୍ୟୁତ ଖୁଣ୍ଟ ପୋତିବା ବେଳେ ଶ୍ରମିକ ମୃତ

### ଲାଠିପଡ଼ା ଓ ମଜୁରିଆପଲ୍ଲୀରେ ଉତ୍ତେଜନା

ନୟାଗଡ଼,୧୪।୧(ଲୋକନାଥ ମିଶ୍ର):ନୟାଗଡ଼ ପୋଲିସ ଜିଲା ଇଟାମାଟି ଥାନା ଲାଠିପଡା ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟ ପୋତିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତକ ଶ୍ରମିକ ହେଲେ ଦିନବନ୍ଧୁ ପରିଡ଼ା(୩୦) । ଘର ମଜୁରିଆପଲ୍ଲୀରେ । ଏହି ଘଟଣାକୁ ନେଇ ସୋମବାର ଲାଠିପଡ଼ାରେ ଓ ମଙ୍ଗଳବାର ମଜୁରିଆପଲ୍ଲୀରେ ଉତ୍ତେଜନା ଦେଖା ଦେଇଥିଲା । ଦିନବନ୍ଧୁ ସୋମବାର ବିଦ୍ୟୁତ୍ ଖୁଣ୍ଟ ପୋତୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ କଟକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ମଙ୍ଗଳବାର ମୃତ୍ୟୁ ହୋଇଥିଲା । ପରିବାର ଲୋକ ମୃତଦେହକୁ ଆଣି ମଜୁରିଆପଲ୍ଲୀଠାରେ ମଙ୍ଗଳବାର ସନ୍ଧ୍ୟାରେ ରାସ୍ତାରୋକେ କରିବାକୁ ଯାଉଥିବାବେଳେ ଖବର ପାଇ ଶ୍ରମିକଙ୍କୁ ନିୟୋଜିତ କରିଥିବା ସଂସ୍ଥା ପହଞ୍ଚି ବୁଝାଶୁଝା କରିଥିଲା ।

# ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ମଙ୍ଗଳା କ୍ଲବ ୬-୨ ଗୋଲରେ ବିଜୟୀ



ନୟାଗଡ଼,୧୪।୧(ଲୋକନାଥ ମିଶ୍ର): ନୟାଗଡ଼ ଖେଳ ପଡ଼ିଆରେ ମଙ୍ଗଳବାର ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ନୟାଗଡ କପ୍ ଉଦ୍‌ଘାଟିତ ହୋଇଛି । ସିନ୍ଦୁରିଆର ୭୮୬ ୟୁଥ୍ କ୍ଲବ, ଆଥ୍‌ଲେଟିକ୍ ଆସୋସିଏଶନ୍, ନୟାଗଡ଼ କ୍ଲବ ଓ ମର୍ଣ୍ଣ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଶିକ୍ଷାବିତ୍ ଅଶୋକ କୁମାର ନାୟକ, ଅଲୋକ କୁମାର ଦାସ, ଦୁର୍ଯ୍ୟୋଧନ ବେହେରା, ଅନୱର ଅଲ୍ଲୀ ଓ ଏସ୍.କେ.ଇସୁବ୍ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ କଟକର ମଙ୍ଗଳା କ୍ଲବ ୬-୨ ଗୋଲରେ ସାଇହାଲ୍‌ସୁନାବେଡାକୁପରାସ୍ତ କରିବିଜୟୀ ହୋଇଛି । ଖେଳର ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଫୁଟବଲ ଖେଳାଳୀ ଆରିଫ ଖାଁ ଓ ଶିବୁନ୍ ମହାନ୍ତିଙ୍କ ପରଲୋକ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ମଙ୍ଗଳା କ୍ଲବ୍‌ର ୧୦ନଂ. ଖେଳାଳୀ ଦୀନବନ୍ଧୁ ଦାସଙ୍କୁ ଶ୍ରେଷ୍ଠ ଖେଳାଳୀ ଭାବେ ମଙ୍ଗଳବାର ଚୟନ କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା। ରାଜୁ ମହାନ୍ତି ଖେଳ ପରିଚାଳନା କରିଥିଲେ। ରାମକୃଷ୍ଣ ରଥ, ଶେଖ ଅବଦୁଲ ଖାଲିକ୍, ଭାଗିରଥି ପାସା ଓ ଆଶୁତୋଷ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

# ଶ୍ରୀସତ୍ୟସାଇ ଆଧ୍ୟାତ୍ମିକ ଶିକ୍ଷା ଓ ସେବା କେନ୍ଦ୍ରରେ ମକର ମିଳନ

ଓଡଗାଁ, ୧୪।୧
(ଆଦର୍ଶ କୁମାର ପଟ୍ଟନାୟକ ):

ମଙ୍ଗଳବାର ପବିତ୍ର ମକର ସଂକ୍ରାନ୍ତି ଓ ସାଇ ବର୍ଷାରମ୍ଭରେ ସ୍ଥାନୀୟ ଶ୍ରୀସତ୍ୟ ସାଇ ଆଧ୍ୟାତ୍ମିକ ଶିକ୍ଷା ଓ ସାମୁହିକ ସେବା କେନ୍ଦ୍ର ଆନୁକୂଲ୍ୟରେ ମକର ମିଳନ ଓ ବାଳ ନାରାୟଣ ଓ ବୃଦ୍ଧାଶ୍ରମ ଅନ୍ନ ସେବା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଁକାର, ସୁପ୍ରଭାତମ, ଭଜନ ଓ ନାନାଦି ସ୍ୱାଦିଷ୍ଟ ଫଳ, ଆଖୁ, ନଡ଼ିଆ, କଦଳୀରେ ପ୍ରସ୍ତୁତ ମକର ଚାଉଳ ପ୍ରସାଦ ଲାଗି କରାଯାଇଥିଲା। ମୁଖ୍ୟ ଅତିଥି ତହସିଲଦାର ଡ.ମାନସ ରଞ୍ଜନ ଭୋଇ ଆଳତୀ ପ୍ରଦାନ କରିଥିଲେ । ଏହା ସହିତ ବାଳ ନାରାୟଣ ଓ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ଅନ୍ନ ସେବା ବ୍ୟବସ୍ଥା କରାଯାଇଥିଲା। ଏଥିରେ ସେବକେନ୍ଦ୍ରର ବରିଷ୍ଠ ଉପଦେଷ୍ଟା ଇଂ. ପ୍ରହ୍ଲାଦ ଅଧିକାରୀ, ତହସିଲଦାର ଡ. ଭୋଇ, ଅତିରିକ୍ତ ତହସିଲଦାର ଜି ଶ୍ରୀନୁ, ଲଣ୍ଡନସ୍ଥିତ ଶ୍ରୀସତ୍ୟସାଇ ସେବା କେନ୍ଦ୍ରର ବରିଷ୍ଠ ସଂଯୋଜକ ଇଂ. ପ୍ରଶାନ୍ତ କୁମାର ପାତ୍ରଙ୍କ ସମେତ ଶତାଧିକ ସାଇ ପ୍ରେମୀ ପରିବାର ଅଂଶ ଗ୍ରହଣ କରିଥିଲେ। ଯୁବ ସଂଯୋଜକ ଚନ୍ଦନ କୁମାର ପାତ୍ର, ପ୍ରସନ୍ନ ଭଟ, ବିଜୟ କୁମାର ଦାଶ, ବିରଞ୍ଚି ସାହୁ, ମମତା ସାହୁ, ରାମ ସାହୁଙ୍କ ସହିତ ସେବା କେନ୍ଦ୍ର ଅଧ୍ୟକ୍ଷ ଆଦର୍ଶ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜୁନିୟର ଚେସ୍, ଅଂଶୁମାନ ବିଜୟୀ

ଦଶପଲ୍ଲା,୧୪।୧(ପ୍ରକାଶ କୁମାର ପାଣି): ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମଇଦାନରେ ପ୍ରଥମ ଦଶପଲ୍ଲା ଚେସ୍ ପ୍ରତିଯୋଗିତା ଅନ୍ତର୍ଜାତୀୟ ନିୟମ ପଦ୍ଧତିରେ ଅନୁଷ୍ଠିତ ହୋଇଯାଇଛି। ଜୁନିୟର ଚେସ ପ୍ରତିଯୋଗିତାରେ ୧୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ମଙ୍ଗଳବାର ଫାଇନାଲ ପ୍ରତିଯୋଗିତାରେ ଦଶପଲ୍ଲାର ୫ମ ଶ୍ରେଣୀ ଛାତ୍ର ଅଂଶୁମାନ ସାହୁ ଚାମ୍ପିୟନ ହୋଇଛନ୍ତି । ଅଂଶୁମାନଙ୍କ ସହିତ ସ୍ୱର୍ଣ୍ଣମ ରାଉତଙ୍କ ମୁକାବିଲା ହୋଇଥିଲା । ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ନିର୍ମଳ ଦାଶ ଓ ବିଶ୍ୱ ମୋହନ ମହାରଣା। ଅତିଥି ଭାବେ ଦଶପଲ୍ଲା ବସ ମାଲିକ ସଂଘ ସଭାପତି ସୂର୍ଯ୍ୟମଣି ଦାଶ ଓ ଚେସ ସମ୍ପାଦକ ରିଷି ମିଶ୍ର ଉପସ୍ଥିତ ଥିଲେ।

# ଫକୀରମୋହନଙ୍କ ଜୟନ୍ତୀ


ଫକୀରମୋହନଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନୁଷ୍ଠାନର କର୍ମକର୍ତ୍ତା ।

ନୟାଗଡ଼,୧୪।୧(ଲୋକନାଥ ମିଶ୍ର): ନୟାଗଡ଼ର ସିଭିଲ ସୋସାଇଟି ଓ ନୟାଗଡ଼ ପୂଜ୍ୟପୂଜା ଅନୁଷ୍ଠାନର ମିଳିତ ସହଯୋଗରେ ମଙ୍ଗଳବାର ନୟାଗଡ଼ ନୀଳମାଧବ କଲ୍ୟାଣ ମଣ୍ଡପରେ ଫକୀର ମୋହନଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାସକବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଗୋଦାବରୀ ସାହୁଙ୍କ ସଭାପତିତ୍ୱ ଏବଂ ପ୍ରସନ୍ନ କୁମାର ବସନ୍ତିଆଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ଆଚାର୍ଯ୍ୟ, ରାମକୃଷ୍ଣ ରଥ, ନିରଞ୍ଜନ ମିଶ୍ର ପ୍ରମୁଖ ଫକୀର ମୋହନଙ୍କ ଜୀବନୀ ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଧୀରେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

ସୂଚନାଯୋଗ୍ୟ, ୧୩ ଜାନୁଆରୀ ୧୮୪୩ରେ ବାଲେଶ୍ୱର ଜିଲା ମଲ୍ଲିକାଶପୁର ଗ୍ରାମରେ ଫକୀର ମୋହନ ସେନାପତି ଜନ୍ମ ହୋଇଥିଲେ। ସେ ଓଡ଼ିଆ ସାହିତ୍ୟର କଥା ସମ୍ରାଟ ଭାବେ ପରିଚିତ। କେବଳ ଉପନ୍ୟାସ ବା ଗଳ୍ପ ନୁହେଁ କବିତା, ଅନୁବାଦ ସାହିତ୍ୟ, ଭ୍ରମଣ କାହାଣୀ ସହ ପତ୍ର ପତ୍ରିକା ସମ୍ପାଦନା କ୍ଷେତ୍ରରେ ଫକୀର ମୋହନଙ୍କ ଅବଦାନ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ଏଥି ସହିତ ଭାଷା ସାହିତ୍ୟ ଆନ୍ଦୋଳନର ସେ ଥିଲେ ଯଥାର୍ଥ ସେନାପତି। ୧୮୬୮ରେ ନିଜସ୍ୱ ଉଦ୍ୟମରେ ବାଲେଶ୍ୱରଠାରେ ଓଡ଼ିଶାର ଦ୍ୱିତୀୟ ଛାପାଖାନା ଉତ୍କଳ ପ୍ରେସ ପ୍ରତିଷ୍ଠା କରିଥିଲେ । ନିଜର କାଳଜୟୀ ଲେଖାପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିଛନ୍ତି।

# ତାଳଗଛରେ ପିଟିହେଲା ବାଇକ୍, ଚାଳକ ମୃତ

### ପଛରେ ବସିଥିବା ଯୁବକ ଗୁରୁତର

ନୟାଗଡ଼/ଭାପୁର,୧୪।୧ (ଲୋକନାଥ ମିଶ୍ର/ଭରତ କୁମାର ବେହେରା): ସୋମବାର ବିଳମ୍ବିତ ରାତିରେ ଫତେଗଡ଼ ଥାନା ଭାପୁର- ଗୋଳାପୋଖରୀ ରାସ୍ତାର ନିହଲପ୍ରସାଦଠାରେ ଏକ ବାଇକ୍ ଭାରସାମ୍ୟ ହରାଇ ତାଳ ଗଛରେ ପିଟି ହେବାରୁ ଆରୋହୀଙ୍କ ମୃତ୍ୟୁ ଘଟିଛି। ଆରୋହୀଙ୍କ ପଛରେ ବସିଥିବା ଯୁବକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୋଳାପୋଖରୀ ପଞ୍ଚାୟତ ନୀଳକଣ୍ଠପ୍ରସାଦ ଗ୍ରାମର ତ୍ରିନାଥ ବେହେରା (୨୩)। ବଡସହରା ଗ୍ରାମର ରାଜକିଶୋର ପ୍ରଧାନ (୨୦) ଗୁରୁତର ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୃତ ତ୍ରିନାଥ ସୁରଟର ଏକ ସୂତା କମ୍ପାନୀରେ କାମ କରୁଥିଲେ । ଦୁଇଦିନ ପୂର୍ବରୁ ସୁରଟରୁ ଗ୍ରାମକୁ ଫେରିଥିଲେ । ଭାପୁର ମହୋତ୍ସବ ଦେଖିବା ପାଇଁ ସେ ଆସିଥିଲେ। ମହୋତ୍ସବରୁ ସେ ରାତି ପ୍ରାୟ ୧୨ଟା ସମୟରେ ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ପୋଲିସ ମଙ୍ଗଳବାର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ରୋଜଗାରିଆ ପୁଅକୁ ହରାଇ ବାପା ମାଆ ଭାଙ୍ଗି ପଡିଛନ୍ତି। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଫାଇନାଲରେ ପାୱାରକିଙ୍ଗ୍

## ଟି-୨୦ ଖଳିସାହି କପ୍ କ୍ରିକେଟ


ଟୁର୍ଣ୍ଣାମେଣ୍ଟ ଆରମ୍ଭରୁ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି ।

ଖଣ୍ଡପଡ଼ା,୧୪।୧(ଅଜୟ କୁମାର ମହାରଣା) ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ବଡ଼ ପଡ଼ିଆରେ ଚାଲିଥିବା ୨ୟ ଟି-୨୦ ଖଳିସାହି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ବାଙ୍କୀ ପାୱାରକିଙ୍ଗ୍ ୧୦ ରନ୍‌ରେ କଟକ ବିଏନ୍‌ସିସିକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି। ପ୍ରଥମେ ବାଙ୍କୀ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୨୩୦ ରନ ସଂଗ୍ରହ କରିଥିଲା। ଜବାବ୍‌ରେ କଟକ ଟିମ ନିର୍ଦ୍ଧାରିତ ଓଭରରେ ମାତ୍ର ୨୨୦ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ବିଜୟୀ ଦଳର ସାଗର ବେହେରା ୩୧ ବଲରୁ ୧୦ ଚୌକା ଓ ୧ ଛକା ସହାୟତାରେ ୬୨ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରବି ନାରାୟଣ ମିଶ୍ର ଓ ଦୀପକ ସାହୁ ଖେଳକୁ ପରିଚାଳନା କରିଥିଲେ । ସ୍କୋରର ଭାବେ ଗୌରାଙ୍ଗ ଚରଣ ସେଠୀ ଦାୟିତ୍ୱ ତୁଲାଇ ଥିଲେ। ବୁଧବାର ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ସହ ମେଣ୍ଢାଶାଳ କ୍ରିକେଟ୍ କ୍ଲବ୍ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଟିମ୍‌ର ସମ୍ପାଦକ ଶରତ କୁମାର ସାହୁଙ୍କଠାରୁ ପ୍ରକାଶ।

